## ସଂକ୍ଷେପରେ

### ଆଜିଠୁ ଆଇନ ସେବା ପ୍ରାଧିକରଣ ପକ୍ଷରୁ ଆଇନ ସଚେତନତା

ଯାଜପୁର ଟାଉନ,୨୯।୧ (ପ୍ରଯୁକ୍ତା ପ୍ରିୟଦର୍ଶିନୀ ମହାନ୍ତି) :

ଜିଲା ଆଇନ ସେବା ପ୍ରାଧିକରଣର ପକ୍ଷରୁ ମଙ୍ଗଳବାର ପୂର୍ବାହ୍ନ ୧୦ ଘଟିକା ସମୟରେ ବିରଜା ଆଇନ ମହାବିଦ୍ୟାଳୟ, ଯାଜପୁର ଏବଂ ବୁଧବାର ପୂର୍ବାହ୍ନ ୯ ଘଟିକା ସମୟରେ ନରସିଂହ ଚୌଧୁରୀ ମହାବିଦ୍ୟାଳୟ, ଅଡିଟୋରିଅମ ହଲ, ଯାଜପୁର ଠାରେ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏହି ଶିବିର ଦ୍ୱୟକୁ ଜିଲା ଆଇନ ସେବା ପ୍ରାଧିକରଣ ସଚିବ ଜ୍ୟୋତିର୍ମୟୀ ଦାସ ପରିଚାଳନା କରିବେ । ନାଗରିକ ଅଧିକାର, କର୍ତ୍ତବ୍ୟ, ପୋକ୍‌ସୋ ଅଧିନିୟମ, ମହିଳାମାନଙ୍କ ସୁରକ୍ଷା ନିମନ୍ତେ ଆଇନ ସହାୟତା, ମାନବ ଚାଲାଣ ଆଇନ ଆଦି ବିଭିନ୍ନ ସାମାଜିକ ସୁରକ୍ଷା ଆଇନ ସମ୍ପର୍କରେ ବିଷାରଦମାନେ ଯୋଗଦେଇ ସଚେତନତା ଶିବିରରେ ପ୍ରଶିକ୍ଷଣ ବାର୍ତ୍ତା ପ୍ରଦାନ କରିବେ । ସେହିପରି ୩୧ ତାରିଖରେ ଅନୁଷ୍ଠିତ ସଚେତନତା ଶିବିରରେ ସୁପ୍ରିମକୋର୍ଟଙ୍କ ବିଭିନ୍ନ ଶୁଣାଣିକୁ ଇଂଲିଶରୁ ଆଞ୍ଚଳିକ ଭାଷାରେ ଅନୁବାଦ କରିବା ନିମନ୍ତେ ମେଧା ବୃଦ୍ଧି କରିବା ନିମନ୍ତେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ।

### ବାଳାଶ୍ରମ, କନ୍ୟାଶ୍ରମରେ ପାଠ୍ୟ ଉପକରଣ ବଣ୍ଟନ

ବଡ଼ଚଣା,୨୯।୧ (ଦିଲୀପ କୁମାର ମହାନ୍ତ)

ପଟରା ପରିବାର ଆମେ ସବୁ ପଟରା ସଂଘ ପକ୍ଷରୁ ବଳରାମ ପ୍ରସାଦ ନିକଟରେ ଥିବା ନବ ଜୀବନ ବାଳାଶ୍ରମ ଓ କାଙ୍ଗୁଲାସ୍ଥିତ ଜାଗୃତି କନ୍ୟାଶ୍ରମ ଅନ୍ତେବାସୀଙ୍କୁ ପୋଷାକ, ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ, ଶୁଖିଲା ଖାଦ୍ୟ ଓ ପାଠ୍ୟ ଉପକରଣ ବଣ୍ଟନ କରାଯାଇଥିଲା । ଏଥିରେ ଅବସରପ୍ରାପ୍ତ ଡାକ୍ତର ନୀଳକଣ୍ଠ ସାହୁ, ଶିଶୁମଙ୍ଗଳ ସମିତିର ଅଧିକାରୀ ପୁଷ୍ପା ସାହୁ, ସଂଘ ସଭାପତି ପ୍ରଦୀପ କୁମାର ସେଣ୍ଠ, ସମ୍ପାଦକ ବିଜୟ କୁମାର ସାହୁ, ସାମାଜିକ କର୍ମୀ ଲୋପାମୁଦ୍ରା ସେଣ୍ଠ, ବାସନ୍ତୀ ପୃଷ୍ଟି, ପର୍ବତରୋହୀ ବିଭାରାଣୀ ପାତ୍ର, ଡା.ଶକ୍ତି ସାହୁ, ମହେନ୍ଦ୍ର କୁମାର ପୃଷ୍ଟି, ରାଜକିଶୋର ଦାସ, ଦିଲୀପ କୁମାର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

### ୩୧ରେ ଯାଜପୁର ଜିଲା କବାଡ଼ି ଦଳ ଚୟନ

ଯାଜପୁରରୋଡ଼, ୨୯।୧ (ପବିତ୍ର ରଞ୍ଜନ ମହାନ୍ତି)

ଯାଜପୁର ଜିଲା କ୍ରୀଡା ସଂସଦ ଆନୁକୂଲ୍ୟରେ ବ୍ୟାସନଗରସ୍ଥିତ ରାଜୀବଗାନ୍ଧୀ ଷ୍ଟାଡିୟମଠାରେ ଆସନ୍ତା ୩୧ ତାରିଖ ବୁଧବାର ସକାଳ ୧୦ଟା ସମୟରେ ଜିଲା କବାଡ଼ି ଦଳ ଉଭୟ ମହିଳା ଓ ପୁରୁଷ ବିଭାଗ ପାଇଁ ଚୟନ ଶିବିର ଅନୁଷ୍ଠିତ ହେବ। ଉକ୍ତ ଶିବିରରୁ ଚୟନ କରାଯାଇଥିବା ଖେଳାଳିମାନେ ଆସନ୍ତା ୨ ତାରିଖରୁ କଟକଠାରେ ଅନୁଷ୍ଠିତ ହେବାକୁ ଥିବା ଆନ୍ତଃଜିଲା କବାଡ଼ି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ଏ ସଂକ୍ରାନ୍ତରେ କବାଡ଼ି ସଂଘ ସମ୍ପାଦକ ରମେଶ ଚନ୍ଦ୍ର ପଣ୍ଡାଙ୍କ ସହିତ ଯୋଗାଯୋଗ କରିବା ପାଇଁ ସାଧାରଣ ସମ୍ପାଦକସମ୍ବିତ୍‌ମହାନ୍ତିସୂଚନା ଦେଇଛନ୍ତି ।

# ଶୈକ୍ଷିକ ପରିବେଶ ସୁଧାର ଉପରେ ଗୁରୁତ୍ୱ

### ୫-ଟି ବିଦ୍ୟାଳୟ ପରିଚାଳନା କମିଟି ବୈଠକ

ରସୁଲପୁର,୨୯।୧ (ରଞ୍ଜିତ ରାଉତ)



ବୈଠକରେ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟମାନେ ।

ଯାଜପୁର ଜିଲା ରସୁଲପୁର ବ୍ଲକ ଅନ୍ତର୍ଗତ ଭୋଟକା ପଞ୍ଚାୟତ ୫-ଟି ରୂପାନ୍ତରିତ ବିଦ୍ୟାଳୟ ହିଙ୍ଗୁଳା ବିଦ୍ୟାପୀଠର ନୂତନ ପରିଚାଳନା କମିଟିର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଯାଇଛି । କମିଟିର ସଭାପତି ଅଶ୍ୱିନୀ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ମୁଖ୍ୟ ଅତିଥି ଭାବେ ଧର୍ମଶାଳା ପଞ୍ଚାୟତ ସମିତି ଅଧ୍ୟକ୍ଷ ତଥା ବିଦ୍ୟାଳୟର ପ୍ରତିଷ୍ଠାତା ପ୍ରଭାତ କୁମାର ବଳବନ୍ତରାଏ, ସମ୍ମାନିତ ଅତିଥି ସରପଞ୍ଚ ସ୍ମୃତିରେଖା ରାଉତ ଯୋଗଦେଇ ଥିଲେ । ଉକ୍ତ ବୈଠକରେ ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ଓ ଶୈକ୍ଷିକ ପରିବେଶ ସୁଧାର ଆଣିବା ଉପରେ ଗୁରୁତ୍ୱାରୋପ କରାଯାଇଛି । କମିଟି ପକ୍ଷରୁ ବିଦ୍ୟାଳୟ ପରିସରରେ ଚାଲିଥିବା ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରାଯିବା ସହ ଶିକ୍ଷାନୁଷ୍ଠାନର ସୁନାମକୁ ବଜାଇ ରଖାଯାଇ ପାରିବ ସେ ଦିଗରେ ଆଲୋଚନା କରାଯାଇ ଥିଲା । ଏଥିସହ ବିଦ୍ୟାଳୟର ଅଣ ଶିକ୍ଷା କର୍ମଚାରୀ ମଦନ ମୋହନ ଖୁଣ୍ଟିଆଙ୍କୁ ବିଦ୍ୟାଳୟ ପକ୍ଷରୁ ବିଦାୟ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ସଂପର୍କରେ ଆଲୋଚନା କରାଯାଇଥିଲା । ଉକ୍ତ ବୈଠକରେ କମିଟିର ସଦସ୍ୟ ଶିକ୍ଷାବିତ୍ ବିନୋଦ ବିହାରି ବେହେରା, ନଗେନ୍ଦ୍ର କୁମାର ପତି, ଦିବାକର ବିଶ୍ୱାଳ, ଧନେଶ୍ୱର ସାହୁ, ୱାଡସଭ୍ୟା ରଞ୍ଜିତା ମଲିକ, ଶିକ୍ଷକ ତୁଷାରକାନ୍ତି ଦତ୍ତ, ଅନନ୍ତ ନାରାୟଣ ମିଶ୍ର, ନବଘନ ସାହୁ, ବାଦଲ କୁମାର ମିଶ୍ର ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ । ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ଖୁଣ୍ଟିଆ ବୈଠକ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ଶିକ୍ଷକ ସୁରେଶ କୁମାର ଧନ୍ୟବାଦ ଅର୍ପଣ କରିଥିଲେ । ଅଣଶିକ୍ଷା କର୍ମଚାରୀ ଜଗବନ୍ଧୁ ସାହୁ ,ସଞ୍ଜୟ କୁମାର ରାଉତ ବୈଠକ ପରିଚାଳନାରେ ସହଯୋଗ କରିଥିଲେ ।

# 'ଶ୍ରୀ ଜଗନ୍ନାଥ ପ୍ରତ୍ୟେକ ଓଡ଼ିଆଙ୍କ ଭାବାବେଗ ସହ ଜଡିତ'

ବରୀ,୨୯।୧ (ମହେନ୍ଦ୍ର ସ୍ୱାଇଁ)

ମୁଁ ଓଡ଼ିଆ, ଆମେ ଏବଂ ଓଡ଼ିଶାର ୪ କୋଟିରୁ ଉର୍ଦ୍ଧ୍ୱ ଲୋକ ପ୍ରଭୁ ଜଗନ୍ନାଥଙ୍କ ଭାବାବେଗ ସହ ଜଡିତ ବୋଲି କାଇପଡାସ୍ଥିତ କାଶୀନାଥ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରମୋଦ କୁମାର ଶତପଥୀ ପ୍ରଥମ ଓଡ଼ିଆ ଭାଷା ବିଶ୍ୱ ସମ୍ମିଳନୀରେ ଯୋଗଦେଇ ଏପରି ମତବ୍ୟକ୍ତ କରିଛନ୍ତି। ଏହି କାର୍ଯ୍ୟକ୍ରମରେ କାଶୀନାଥ ଜୁନିୟର ମହାବିଦ୍ୟାଳୟର ଅଧ୍ୟକ୍ଷ ଅଶୋକ କୁମାର ସାମଲ ଓ ବରିଷ୍ଠ ଓଡ଼ିଆ ଅଧ୍ୟାପକ ଅଶୋକ କୁମାର ଦାସ ସମ୍ମାନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ଓଡ଼ିଆ ଭାଷା କିଭଳି ଭବିଷ୍ୟତରେ ଅନ୍ତର୍ଜାତୀୟସ୍ତରରେ ଏକ ସ୍ୱତନ୍ତ୍ର ସ୍ଥାନ ପାଇ ପାରିବ ସେ କ୍ଷେତ୍ରରେ ଭବିଷ୍ୟତ ଗଠନ କରିବା ପାଇଁ ଅଧ୍ୟୟନରତ ଛାତ୍ରୀଛାତ୍ରମାନେ ଉଦ୍ୟମ କଲେ ଏହା ସେମାନଙ୍କ ଭବିଷ୍ୟତ ଗଠନ ସହ ଓଡ଼ିଆ ଭାଷା- ସାହିତ୍ୟ ସ୍ୱତନ୍ତ୍ର ମର୍ଯ୍ୟାଦା ପାଇବ ବୋଲି ମତ ରଖିଥିଲେ।ଏହି କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା ଓ ସାହିତ୍ୟର ବରିଷ୍ଠ ଅଧ୍ୟାପକ ଡ.କିଶୋର କୁମାର ସାହୁ ବିବରଣୀ ପାଠ କରିଥିଲେ। ଅପରପକ୍ଷେ ଏହି ମହାବିଦ୍ୟାଳୟର ପ୍ରତିଯୋଗୀ ବିଶ୍ୱଦେବ ସାହୁ ଓ ପୂଜାରାଣୀ ମଲିକ କୁଇଜ ପ୍ରତିଯୋଗିତାରେ ସଫଳ ହୋଇ ଜିଲାସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବାକୁ ମନୋନୀତ ହୋଇଛନ୍ତି । ମଞ୍ଚାସୀନ ଅତିଥିମାନେ ସେମାନଙ୍କ ଆଗାମୀ ସଫଳତା କାମନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅଧ୍ୟାପକ ସୁଜିତ କୁମାର ଘୋଷାଲ,ଅଶୋକ କୁମାର ରାଉତ,ପ୍ରଣବ କୁମାର ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧ୍ୟାପକ ପ୍ରଣବ କୁମାର ପାତ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ୮୩ ଅଭିଯୋଗର ତତ୍କାଳ ସମାଧାନ



ଧର୍ମଶାଳା ବ୍ଲକ ମିଳିତ ଅଭିଯୋଗ ଶୁଣାଣି ଶିବିରରେ ଅଭିଯୋଗକାରୀଙ୍କ ଲମ୍ବା ଧାଡ଼ି ।

ଧର୍ମଶାଳା,୨୯। ୧ (ବଟକୃଷ୍ଣ ପରିଡ଼ା):

### ମିଳିତ ଅଭିଯୋଗ ଶୁଣାଣି ଶିବିର

ଧର୍ମଶାଳା ବ୍ଲକ ପରିସରରେ ସୋମବାର ମିଳିତ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ୧୪୫ ଅଭିଯୋଗ ମଧ୍ୟରୁ ୮୩ ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା । ଏହି ଜନ ଶୁଣାଣୀ ଶିବିରରେ ଯାଜପୁର ଅତିରିକ୍ତ ଜିଲାପାଳ ନବକୃଷ୍ଣ ଜେନା, ପ୍ରକଳ୍ପ ନିର୍ଦ୍ଦେଶକ ଅଶୋକ ବେହୁରିଆ, ଯାଜପୁର ଏସ୍‌ପି ବିନିତ ଅଗ୍ରୱାଲ ପ୍ରମୁଖ ଅଭିଯୋଗ ଶୁଣାଣୀ କରିଥିଲେ । ଅଭିଯୋଗ ମଧ୍ୟରୁ ୪୬ ବ୍ୟକ୍ତିଗତ, ୯ ସମୂହ, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଇଁ ୨୯ ଓ ରେଡ୍‌କ୍ରସ ସହାୟତା ପାଇଁ ୫୦ଜଣ ଆବେଦନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଧର୍ମଶାଳା ବିଡିଓ ଦେବେନ୍ଦ୍ର ପ୍ରସାଦ ବଳ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା,ଡିଏୱଓ ଶରତଚନ୍ଦ୍ର ବେହେରା, ଡିଏସ୍‌ଏସ୍‌ଓ ଆର.ଏନ୍.ବେହେରା, ଗ୍ରାମ୍ୟ ଉନ୍ନୟନ ବିଭାଗ ଜାରକାର ସହକାରୀ ଯନ୍ତ୍ରୀ ଜଳନ୍ଧ୍ର ବେହେରା,ଜିଲା ମୁଖ୍ୟ ପଶୁ ଚିକିତ୍ସାଧିକାରୀ ଶ୍ରୀନିବାସ କର, ଧର୍ମଶାଳା ସିଡିପିଓ ପୂର୍ଣ୍ଣିମା ବଇଥାମ, ଧର୍ମଶାଳା ଏଏଫ୍‌ଓ ଦେବାଶିଷ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ । ଧର୍ମଶାଳା ଥାନା ଅଧିକାରୀ ତପନ କୁମାର ନାୟକ ସହକର୍ମୀଙ୍କ ସହିତ ଉପସ୍ଥିତ ରହି ସୁରକ୍ଷା ପ୍ରଦାନ କରିଥିଲେ ।

### ଶୋଭନୀୟ ଶିକ୍ଷାଶ୍ରମରେ ପୁରସ୍କାର ବିତରଣ ଉତ୍ସବ

ଚଣ୍ଡିଖୋଲ,୨୯।୧ (ପ୍ରଦୀପ୍ତ କୁମାର ପୃଷ୍ଟି)

ବଡ଼ଚଣା ବ୍ଲକ ଅନ୍ତର୍ଗତ ଉଦୟଗିରି ସ୍ଥିତ ଶୋଭନୀୟ ଶିକ୍ଷାଶ୍ରମ ପରିସରରେ ବାର୍ଷିକ କ୍ରୀଡ଼ା ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଶୋଭନୀୟ ଆନ୍ଦୋଳନର ନିର୍ଦ୍ଦେଶିକା ଡ.ଅରୁନ୍ଧତୀ ଦେବୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଇଂ.ପ୍ରମୋଦ କୁମାର ମିଶ୍ର ମୁଖ୍ୟଅତିଥି ଓ ବାଲେଶ୍ୱର ଜିଲା ମୁଖ୍ୟଚିକିତ୍ସା ଅଧିକାରୀ ଡ଼ାକ୍ତର ଜୟଶ୍ରୀ ନନ୍ଦ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ଏଥିରେ ୨ଶହ୧୬ଜଣ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସରେ ଛାତ୍ରୀଛାତ୍ରମାନେ ଭାଗନେଇ ଚିତାକର୍ଷକ ପ୍ୟାରେଡ କରିଥିବାରୁ ସେମାନଙ୍କୁ ମଧ ପୁରସ୍କୃତ କରାଯାଇଥିଲା। କ୍ରୀଡା, ସଙ୍ଗୀତ, ନୃତ୍ୟ, ଶୃଙ୍ଖଳା ଆଦି ବିଭିନ୍ନ ବିଭାଗରେ ଉଲ୍ଲେଖନୀୟ କୃତୀତ୍ୱ ପାଇଁ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକୁ ଶିକ୍ଷାଶ୍ରମର ଗୁରୁମା ବରଦା ମହାନ୍ତି ପରିଚାଳନା କରିଥିବା ବେଳେ ମିନତୀ ଦେବୀ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ଗୁରୁମା ମନୋରମା ଦେବୀ, ବିଦ୍ୟୁତପ୍ରଭା ମିଶ୍ର, ଜୟଶ୍ରୀ ଦାସ ଓ ତୃପ୍ତିମୟୀ ଜେନା ପ୍ରମୁଖ ସଭା ପରିଚାଳନାରେ ସହଯୋଗ କରିଥିଲେ।

# ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠା ପାଇଁ ପ୍ରସ୍ତୁତି



ପ୍ରସ୍ତୁତି ବୈଠକରେ ଯୋଗଦେଇଥିବା ମନ୍ଦିର କର୍ମକର୍ତ୍ତା ।

ଜେନାପୁର,୨୯।୧ ( ଅଶୋକ ଦାସ)

ଯାଜପୁର ଜିଲା ଧର୍ମଶାଳା ବ୍ଲକ ଅନ୍ତର୍ଗତ ରାମପୁର କଇଥାସ୍ଥିତ ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣରେ ମନ୍ଦିର ପ୍ରତିଷ୍ଠା ଓ ଯାଦବ ଭବନ ଉଦଘାଟନ ପାଇଁ ଏକ ପ୍ରସ୍ତୁତି ବୈଠକ ସଭାପତି ରଘୁନାଥ ବେହେରା ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଯାଜପୁର ଜିଲା ଧର୍ମଶାଳା ବ୍ଲକ ସମେତ ଅନ୍ୟାନ୍ୟ ବ୍ଲକର ସଦସ୍ୟମାନେ ଯୋଗ ଦେଇ ନିଜ ନିଜର ମୂଲ୍ୟବାନ ପ୍ରସ୍ତାବ ରଖିଥିଲେ। ମହାସଭାର ମୁଖ୍ୟ ପରାମର୍ଶଦାତା ଡ.କୁଶ ଚନ୍ଦ୍ରଙ୍କ ପ୍ରସ୍ତାବ କ୍ରମେ ଆସନ୍ତା ଫେବୃଆରୀ ୨୮ ଓ ୨୯ ଓ ମାର୍ଚ୍ଚ ୧ରିଖି ତିନି ଦିନଧରି ପ୍ରସ୍ତୁତି କାର୍ଯ୍ୟକ୍ରମ ହେବା ପାଇଁ ସ୍ଥିରୀକୃତ ହେଲା। ଏହା ରାଜ୍ୟସ୍ତରୀୟ ହେବା ସହ ଯାଜପୁର ସମେତ ରାଜ୍ୟର ସମସ୍ତ ଜିଲାର ରାଧାକୃଷ୍ଣ ପ୍ରେମୀ ଯୋଗ ଦେବା ସହିତ ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ ଦିନରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ରାଧା କୃଷ୍ଣ ନୃତ୍ୟ ପରିବେଷଣ କରାଯିବା । ଏଥି ସହିତ ଆଧ୍ୟାତ୍ମିକ ସାଂସ୍କୃତିକ କାର୍ଯ୍ୟକ୍ରମ, ପ୍ରବଚନ, ସାଧୁସନ୍ଥ ପୂଜାର୍ଚ୍ଚନା, ସମ୍ବର୍ଦ୍ଧନା ଅନୁଷ୍ଠିତ ହେବ। ଏହି ବୈଠକରେ ଅତିଥି ଭାବେ ପ୍ରାକ୍ତନ ଅନୁଶାସନ ସଚିବ ଲକ୍ଷ୍ମଣ ପ୍ରସାଦ ବାରିକ, କୈଳାସ ଚନ୍ଦ୍ର ଦାସ, ନବଘନ ଦାସ, ଘନଶ୍ୟାମ ପଲେଇ, ଗଣେଶ୍ୱର ପଲେଇ, ସରୋଜକାନ୍ତ ବେହେରା ପ୍ରାଣକୃଷ୍ଣ ପୃଷ୍ଟି, ବିକାଶ ଦାସ, ଶକ୍ତି ରଞ୍ଜନ ଦାସ,ଅକ୍ଷୟ ବେହେରା, ମହେଶ୍ୱର ଦାସ, ଇନ୍ଦ୍ରମଣି ମହାକୁଡ଼, ପୁରୁଷୋତ୍ତମ ବେହେରା, ବାବାଜୀ ପ୍ରଧାନ, ବାବୁଧର ଖଟୁଆ, ବାବୁଲି ରାଉତ, ଦିଲୀପ ରାଉତ, ଦିଜବର ରାଉତ, ଜିତୁ ରାଉତ, ବିପିନ ବିହାରୀ ବାରିକ ଓ ପାଣ୍ଡବ ରାଉତ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ବିଭିନ୍ନ କମିଟି ଗଠନ କରାଗଲା। ପ୍ରତିଷ୍ଠା ଉତ୍ସବକୁ ନିକଟସ୍ଥ ସମସ୍ତ ଗ୍ରାମର ଅଧିବାସୀମାନଙ୍କୁ ସାମିଲ କରିବାକୁ ମତ ପ୍ରକାଶ ପାଇଥିଲା । ପ୍ରମୋଦ କୁମାର ପଲେଇ ଧନ୍ୟବାଦ ଅର୍ପଣ କରିଥିଲେ।

# ଶିଶୁ ସାହିତ୍ୟିକ ଅଜୟ ଜେନାଙ୍କୁ ଅଜାଣ ପ୍ରତିଭା ସମ୍ମାନ

ବରୀ,୨୯।୧ (ମହେନ୍ଦ୍ର ସ୍ୱାଇଁ) :



ଶିଶୁ ସାହିତ୍ୟିକ ଅଜୟ ଜେନାଙ୍କୁ ପ୍ରତିଭା ସମ୍ମାନ ପ୍ରଦାନ କରାଯାଉଛି ।

ଓଡ଼ିଆ ଶିଶୁ ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଶିଶୁ ସାହିତ୍ୟିକ ଅଜୟ କୁମାର ଜେନାଙ୍କୁ ଅଜାଣ ପ୍ରତିଭା ସମ୍ମାନ ୨୦୨୪ରେ ସମ୍ବର୍ଦ୍ଧିତ କରାଯାଇଛି । ବରୀ ବ୍ଲକ ମେଦୁଆକୂଳସ୍ଥିତ ଅଜାଣବନ ଶୋଭନୀୟ ଶିକ୍ଷାଶ୍ରମ ପକ୍ଷରୁ ଡ.ନୃସିଂହ ଚରଣ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶିଶୁ ମହୋତ୍ସବରେ ବରୀ ବିଧାୟିକା ସୁନନ୍ଦା ଦାସ ଜେନାଙ୍କୁ ମାନପତ୍ର, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ଅଜାଣ ପ୍ରତିଭା ସମ୍ମାନରେ ସମ୍ମାନିତ କରିଥିଲେ । ସୂଚନାଯୋଗ୍ୟ, ଜେନା ଜଗା ଶିଶୁ ସାହିତ୍ୟ ସଂସଦର ପ୍ରତିଷ୍ଠାତା ସମ୍ପାଦକ ରହିଥିବାବେଳେ ପିଲାମାନଙ୍କ ପାଇଁ 'ଜଗତେ ରଖିବା ନାଁ', 'ଏକ ଆଉ ଏକ ମିଶି ହୁଏ ଦୁଇ', 'ବିଦଗ୍ଧ କବି ଅଭିମନ୍ୟୁ'' ମୋ ଦାଢ଼ି ଓ ଅନ୍ୟାନ୍ୟ ଶିଶୁ ଗଳ୍ପ', 'ବଗୁଲିଆ ଚମ୍ପୁମ', ଓ 'କାଶ୍ମୀର କୋଳରେ ପାଞ୍ଚ ରାତି' ଭଳି ପିଲାମାନଙ୍କ ପାଇଁ ପୁସ୍ତକ ରଚନା କରି ଶିଶୁ ସାହିତ୍ୟ କ୍ଷେତ୍ରରେ ବେଶ ସୁନାମ ଅର୍ଜନ କରିଛନ୍ତି ।

### ନିଆଁ ଲାଗି ଛଣଗଦା ଜଳିଗଲା

ପାଣିକୋଇଲି,୨୯।୧ (ବିକାଶ କୁମାର ମଲିକ)

ପାଣିକୋଇଲି ପଞ୍ଚାୟତ ପାଣିକୋଇଲି ଗ୍ରାମର ନାଠି ବେହେରାଙ୍କ ଖଳା ବାଡିରେ ଥିବା ଛଣ ଗଦାରେ ନିଆଁ ଲାଗି ଛଣ ବିଡ଼ା ଜଳି ଯାଇଛି। ଗ୍ରାମବାସୀ ପୋଖରୀ ଓ ନଳକୂପରୁ ପାଣି ଆଣି ନିଆଁକୁ ଲିଭାଇଥିଲେ। ଦମକଳ କେନ୍ଦ୍ରକୁ ଖବର ଦିଆଯାଇଥିଲେ ମଧ୍ୟ ରେଳ ଫାଟକ ପଡ଼ିଥିବା ହେତୁ ବୈତରଣୀ ରୋଡ଼ ଦମକଳ ଗାଡ଼ି ବହୁ ବିଳମ୍ବରେ ପହଞ୍ଚି ଥିଲା। ଅଗ୍ନିକାଣ୍ଡର କାରଣ ଜଣାପଡ଼ି ନାହିଁ । ଚୂଲିରୁ ପାଉଁଶ ଉଡ଼ି ନିଆଁ ଲାଗିଥିବା ସନ୍ଦେହ କରାଯାଉଛି।

# କରଦା ହରିହାଟ ମେଳା ପାଇଁ ପ୍ରସ୍ତୁତି

ପାଣିକୋଇଲି,୨୯।୧ (ବିକାଶ କୁମାର ମଲିକ)

ପୂଣ୍ୟତୋୟା ବୈତରଣୀ ନଦୀର ତଟଦେଶରେ କୋରାଇ ବ୍ଲକର ପୁରାତନ କରଦା ହରିହାଟ ମାଘସପ୍ତମୀ ମେଳା ଆସନ୍ତା ଫେବୃଆରୀ ୧୬ରୁ ଆରମ୍ଭ ହୋଇ ୨୬ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥି ନିମନ୍ତେ ହରି ଗୋସାଇଁଙ୍କ ମଠ ପ୍ରାଙ୍ଗଣରେ ମଠାଧିଶ ବାବାଜୀ କୃଷ୍ଣଚନ୍ଦ୍ର ଦାସଙ୍କ ସଭାପତିତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଚଳିତ ବର୍ଷ ମେଳକୁ ସରସ ସୁନ୍ଦର କରିବା ନିମନ୍ତେ ତୁଳସୀ ଓ ଦୁର୍ଗାମନ୍ଦିର ଅପେରା ପାର୍ଟି ସହିତ ମହୋତ୍ସବ ମଧ୍ୟ ଆୟୋଜିତ କରାଯିବ। ଉକ୍ତ ବୈଠକରେ କମିଟିର ସଭାପତି ଚିନ୍ତାମଣୀ ବେହେରା, ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ସାହୁ, ପୂର୍ବତନ ସରପଞ୍ଚ ଗଣେଶ ଚନ୍ଦ୍ର ସାହୁ, ସୁବାସ ଧଳ, ମଣିନାଥ ପଣ୍ଡା, ରତ୍ନାକର ସାହୁ, ତାରିଣୀ ପଟ୍ଟନାୟକ, ନବଘନ ପଣ୍ଡା, ଶ୍ୟାମସୁନ୍ଦର ସାହୁ, ନାରାୟଣ ଚନ୍ଦ୍ର ନାୟକ, ରତ୍ନାକର ଖଣ୍ଡାଇ,ଅଭୟ ବେହେରା, ହରିହର ସାହୁ, ଅଦ୍ୱୈତ ଚରଣ ମଲିକ, ବଟକୃଷ୍ଣ ସାହୁ, ଗୋକୁଳ ଚନ୍ଦ୍ର ସାହୁ, ଅନନ୍ତ ସାହୁ, ସଞ୍ଜୟ ବେହେରା, ସୁବାସ ସ୍ୱାଇଁ. ଶଙ୍କର୍ଷଣ ପରିଡ଼ା, କୀର୍ତ୍ତନ ବିହାରୀ ରଣା, ଲକ୍ଷ୍ମୀଧର ସାହୁ, ସାବିତ୍ରୀ ସାହୁ ପ୍ରମୁଖ ଯୋଗ ଦେଇଥିଲେ। କମିଟିର ସଦସ୍ୟ ସୁଶୀଲ ବେହେରା ଧନ୍ୟବାଦ ପ୍ରଦାନ କରିଥିଲେ।

# ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟରେ ବ୍ଲୁ ଡେଭିଲ୍ସ ବିଜୟୀ

ଛଟିଆ,୨୯।୧ (ସୌମ୍ୟ ରଞ୍ଜନ ସାହୁ)

ବଡ଼ଚଣା ବ୍ଲକ ଛଟିଆ ଅଞ୍ଚଳର ବିଭିନ୍ନ ଗ୍ରାମର ପୁରାତନ କ୍ରୀଡାବିତ୍‌ମାନଙ୍କୁ ନେଇ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ ଅମରାବତୀ ମଠ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବ୍ଲୁ ଡ଼େଭିଲ୍ସ କ୍ରିକେଟ ଟିମ୍ ଓ ଅରେଞ୍ଜ ୱାରିୟର୍ସ ମଧ୍ୟରେ ଅନୁଷ୍ଠିତ ଟେଷ୍ଟ ଶୈଳୀ ମ୍ୟାଚରେ ପ୍ରଥମେ ଟସ୍ ଜିତି ବ୍ଲୁ ଟିମ୍ ବ୍ୟାଟିଂ କରି ପ୍ରଥମ ପାଳିରେ ୧୨୭ ରନ କରିବାରେ ସମର୍ଥ ହୋଇଥିଲା । ଏହାର ଜବାବରେ ଅରେଞ୍ଜ ଟିମ୍ ତାର ପ୍ରଥମ ପାଳି ରେ ୧୧୦ ରନ କରି ୧୭ ରନ ପଛୁଆ ରହିଥିଲା। ଦ୍ୱିତୀୟ ପାଳିରେ ବ୍ଲୁ ଟିମ୍ ୮୬ ରନ କରି ୧୦୨ ଆଗୁଆ ରହି ପାଳି ସମାପ୍ତି ଘୋଷଣା କରିଥିଲା। ଅରେଞ୍ଜ ଟିମ ୧୦୩ ରନ ବିଜୟ ଲକ୍ଷ୍ୟ ନେଇ ଦ୍ୱିତୀୟ ପାଳି ଆରମ୍ଭ କରି ୮୬ ରନ କରି ପରାଜିତ ହୋଇଥିଲା। ଶ୍ରେଷ୍ଠ ଖେଳାଳି ଭାବେ ଭବାନୀ ସେନାପତି ପୁରସ୍କୃତ ହୋଇଥିଲେ । ଶ୍ରେଷ୍ଠ ବ୍ୟାଟସମ୍ୟାନ ଅଜିତ୍ ସିଂ, ଶ୍ରେଷ୍ଠ ବୋଲର୍ ଭାବେ ଭବାନୀ ଶଙ୍କର ଷେଣ୍ଠ ଓ ନରେନ୍ଦ୍ର ବିଶାଳଙ୍କୁ ଶ୍ରେଷ୍ଠ ଫିଲ୍ଡର ଭାବେ ପୁରସ୍କୃତ କରାଯାଇଥିଲା। ଅଭିନାଶ ନନ୍ଦ, ଦୀପକ ରାଉଳ, ସୁଧୀର ସାହୁ ଖେଳ ପରିଚାଳନା କରିଥିଲେ । ମାନସ କୁମାର ଧାରା ବିବରଣୀ ପ୍ରଦାନ କରିଥିଲେ। ବିକାଶ ବାଜୋରିୟା, ହୃଷୀକେଶ ନାଥ, ହେମନ୍ତ ସାହୁ, ଆକାଶ ନାୟକ, ବିକାଶ ଷେଣ୍ଠ, ପ୍ରକାଶ ପୃଷ୍ଟି, ଶ୍ରୀକାନ୍ତ ବେହେରା, ସୁରେନ୍ଦ୍ର ବିଶାଳ, ସତ୍ୟପ୍ରକାଶ ଷେଣ୍ଠ, ରଞ୍ଜନ ସାହୁ, ଅମରେନ୍ଦ୍ର ସାମନ୍ତରାୟ ପ୍ରମୁଖଙ୍କ ସମେତ ଅନେକ କ୍ରୀଡାବିତ ସହଯୋଗ କରିଥିଲେ।



ଅତିଥିମାନଙ୍କ ଗହଣରେ ଉଭୟ ଦଳର ଖେଳାଳି।

### କରଦା ଉଚ୍ଚ ବିଦ୍ୟାଳୟର ବାର୍ଷିକ ବିତରଣ ଉତ୍ସବ

ପାଣିକୋଇଲି,୨୯।୧ (ବିକାଶ କୁମାର ମଲିକ)

କୋରାଇ ଶିକ୍ଷା ମଣ୍ଡଳ ଅଧୀନ କରଦା ପଞ୍ଚାୟତର ବାପୁଜୀ ଉଚ୍ଚ ବିଦ୍ୟାପୀଠ ଓ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବାପୁଜୀ ଉଚ୍ଚ ବିଦ୍ୟାପୀଠର ପ୍ରଧାନଶିକ୍ଷୟିତ୍ରୀ ସୁବ୍ରତା ନାୟକ ଓ କରଦା ନୋଡ଼ାଲ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସ୍ନେହଲତା ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷା ନଳିନୀପ୍ରଭା ଜେନା, ସମ୍ମାନୀତ ଅତିଥି ଭାବେ କୋରାଇ ବ୍ଲକ ଶିକ୍ଷାଧିକାରୀ ସୁଦର୍ଶନ ମଲ୍ଲିକ, ପାଣିକୋଇଲିସ୍ଥିତ ଭାରତୀୟ ଷ୍ଟେଟ ବ୍ୟାଙ୍କର ପରିଚାଳକ ସଞ୍ଜୟ କୁମାର ତ୍ରିପାଠୀ, କରଦା ସରପଞ୍ଚ ଅନିମା ମଲିକ, ସମିତି ସଭ୍ୟା ପଙ୍କଜିନୀ ସାହୁ, ଶିକ୍ଷାବିତ୍ ଚିନ୍ତାମଣୀ ବେହେରା ଓ ଚନ୍ଦ୍ରମଣୀ ଚୌଧୁରୀ ଓ ମୁଖ୍ୟବକ୍ତା ଭାବେ ପୂର୍ବତନ ଅଧ୍ୟାପକ ରଞ୍ଜିତ କୁମାର ପରିଡ଼ା ଯୋଗ ଦେଇଥିଲେ। ବାପୁଜୀ ଉଚ୍ଚ ବିଦ୍ୟାପୀଠ ପରିଚାଳନା କମିଟିର ସଭାପତି ଗଣେଶ ଚନ୍ଦ୍ର ସାହୁ ମଞ୍ଚ ପରିଚାଳନା କରିଥିଲେ।

# ବେଆଇନ ଭାବେ ଚାଲିଛି ମୋରମ୍ ଚାଲାଣ



ଜଙ୍ଗଲ ଜମିରୁ ଚାଲାଣ ହୋଇଥିବା ମୋରମ ।

ଜେନାପୁର,୨୯।୧ (ଅଶୋକ ଦାସ)

ଯାଜପୁର ଜିଲା ଧର୍ମଶାଳା ତହସିଲ ଅଧୀନ ଜେନାପୁର ଥାନା ବରଡା ମୌଜାର ନିମିଟି ପାହାଡ଼ ପାଦଦେଶରେ ଥିବା ନୂଆ ବରଡ଼ା ପାଖ ପଡ଼ିଆରୁ ବେଆଇନ ଭାବେ ମୋରମ ଚୋରା ଚାଲାଣ ହେଉଥିବା ଅଭିଯୋଗ ହେଉଛି। ପ୍ରତି ରାତିରେ ଚାଲାଣକାରୀ ମେଶିନ ସାହାଯ୍ୟରେ ମୋରମ ଖୋଳି ହାଇୱା ଯୋଗେ ବିଭିନ୍ନ ସ୍ଥାନକୁ ଚାଲାଣ କରୁଛନ୍ତି । ପ୍ରତିଦିନ ଏଠାରେ ପ୍ରାକୃତିକ ସମ୍ପଦ ଲୁଟ ହେଉଥିବା ବେଳେ ଜଙ୍ଗଲ ଓ ରାଜସ୍ୱ ବିଭାଗ ବିପୁଳ ଟଙ୍କା ହରାଉଛନ୍ତି। କିନ୍ତୁ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଫଳରେ ଉକ୍ତ ଅଞ୍ଚଳରୁ ମୋହରମ ଚାଲାଣ କରି ବ୍ୟବସାୟମାନେ ମାଲାମାଲ ହେଉଛନ୍ତି। ମୋରମ ଖୋଲାଯାଇ ଥିବା ସ୍ଥାନଟି ଗୋଟିଏ ପୋଖରୀ ହୋଇଥିବାରୁ ଅଧିକାଂଶ ସମୟରେ ସେଠାରେ ପଡି ଗୃହପାଳିତ ପ୍ରାଣୀଙ୍କ ଜୀବନ ଯାଉଥିବା ନଜିର ରହିଛି। ଏହି ମୋରମ ଚାଲାଣ ସଲାସୁତାରରେ ଚାଲିଥିବା ଚର୍ଚ୍ଚା ହେଉଛି। ତେଣୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏ ଦିଗରେ ଦୃଷ୍ଟି ଦେବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ଗଡ଼ମଧୁପୁର ଫରେଷ୍ଟର ସେକ ମହମ୍ମଦ ସାକିର ହୁସେନଙ୍କୁ ପଚାରିବାରୁ ତୁରନ୍ତ ତଦନ୍ତ କରାଯାଇ ମୋରମ ଚାଲାଣକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ସଂକ୍ଷେପରେ

### ଘରେ ପଶି ଚୋରି ଅଭିଯୋଗରେ ଯୁବକ ଗିରଫ

ମାର୍ଶାଘାଇ,୨୯।୧ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ମାର୍ଶାଘାଇ ଥାନା ଅନ୍ତର୍ଗତ ମାଣତିର ଗ୍ରାମରେ ଜଣେ ମହିଳାଙ୍କ ଅନୁପସ୍ଥିତିରେ ତାଙ୍କ ଘରୁ ବିଭିନ୍ନ ସାମଗ୍ରୀ ଚୋରି ଅଭିଯୋଗରେ ସେହି ଗ୍ରାମର ଜଣେ ଯୁବକଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ମାଣତିର ଗ୍ରାମର ବିଳାସିନୀ ସ୍ୱାଇଁ ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ ସେ ତାଙ୍କ ଘର କବାଟରେ ତାଲା ଓ ଗ୍ରୀଲରେ ତାଲା ପକାଇ କିଛିଦିନ ପାଇଁ ବାହାରକୁ ଯାଇଥିଲେ। ରବିବାର ସେ ଘରକୁ ଫେରି ଦେଖିଲା ବେଳକୁ ତାଙ୍କ ଗ୍ରୀଲ ଓ କବାଟ ତାଲା କାଟି କେହି ଦୁର୍ବୃତ୍ତ ଘରୁ ଦୁଇଟା ସୁନା ମୁଦି, ଗୋଟିଏ ଚେନ, କାନ ରିଙ୍ଗ ହଳେ, ୨ଯୋଡ଼ା ସୁନା ଶଙ୍ଖା, ଗୋଟିଏ ପିତ୍ତଳ ରାଧା କୃଷ୍ଣ ମୂର୍ତ୍ତି, ଗୋଟିଏ ରୁପା ଚେନ ଓ ଲକେଟ, ପିତ୍ତଳ ବାସନ କୁସନ ଆଦି ଚୋରି କରି ନେଇଯାଇଛି। ଅଭିଯୋଗ ପାଇବା ପରେ ଏସ୍‌ଆଇ ଅଜୟ କୁମାର ସାହୁ ଘଟଣାର ତଦନ୍ତ କରି ସେହି ଗ୍ରାମର ବିକାଶ ସ୍ୱାଇଁ (୨୦)ଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ଚୋରି ସାମଗ୍ରୀ ଜବତ କରିଛନ୍ତି। ଏ ନେଇ ନଂ. ୨୩/୨୪ରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତ ବିକାଶଙ୍କୁ କୋର୍ଟ ଚାଲାଣ କରାଯାଇଛି।

### ମହାକାଳପଡ଼ାରେ ଭାଜପାର ବୁଥ୍ ଚାଲ ଅଭିଯାନ

ମହାକାଳପଡ଼ା, ୨୯।୧ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଞ୍ଚଳରେ ଭାଜପା ସଙ୍ଗଠନକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦେଉଛି। ତେବେ ତୃଣମୂଳ ସ୍ତରରେ ପ୍ରତ୍ୟେକ ଲୋକମାନଙ୍କ ନିକଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଯୋଜନା ଓ ସଫଳ ରୂପାୟନର ବାର୍ତ୍ତା କିପରି ପହଞ୍ଚିବ ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି ଅବସରରେ ବ୍ଲକର ପ୍ରସିଦ୍ଧ ଶକ୍ତିପୀଠ ମା' ରାମଚଣ୍ଡି ମନ୍ଦିର ପରିସରରେ ଏକ ବୁଥ୍ ଚାଲ୍ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତର ପ୍ରତି ବୁଥ୍ କମିଟିରେ ସର୍ବନିମ୍ନ ୧୧ଜଣ କାର୍ଯ୍ୟକର୍ତ୍ତାଙ୍କୁ ଚୟନ କରାଯାଇଥିଲା। ଫେବୃଆରୀ ୧ରୁ ୭ ତାରିଖ ପର୍ଯ୍ୟନ୍ତ ପ୍ରତି ପଞ୍ଚାୟତରେ ବୁଥ୍ କର୍ମୀମାନଙ୍କୁ ନେଇ ସମାବେଶ ଓ ଶିବିର କରାଯିବ। ଏହି କାର୍ଯ୍ୟକ୍ରମକୁ ସଫଳ ରୂପାୟନ କରାଯିବା ପାଇଁ ବିଧିବଦ୍ଧ ଭାବେ ନକ୍ସା ପ୍ରସ୍ତୁତ କରାଯିବ ବୋଲି ବୈଠକ ଆଲୋଚନା କରାଯାଇଥିଲା। ରାଜ୍ୟରେ ୧୪୭ ବିଧାନ ସଭା ନିର୍ବାଚନମଣ୍ଡଳୀରେ ୧୪୭ ଜଣଙ୍କୁ ସାଙ୍ଗଠନିକ ତୃଣମୂଳ ସ୍ତରରେ ମଜଭୁତ କରିବାକୁ ଦାୟିତ୍ୱ ନିର୍ବାହ କରାଯାଇଛି। ସେହିପାରି କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀର ଭାଜପା ନେତା ଇଂ. ଜ୍ଞାନ ଦେବ ବେଉରାଙ୍କୁ ରାଜ୍ୟ ଭାଜପା ପକ୍ଷରୁ ସାଙ୍ଗଠନିକ ଦାୟିତ୍ୱ ପ୍ରଦାନ କରିଛନ୍ତି। ଇଂ. ବେଉରା ସାଙ୍ଗଠନିକ ଦାୟିତ୍ୱ ଗ୍ରହଣ ପରେ ସୋମବାର ମହାକାଳପଡ଼ା ନିର୍ବାଚନମଣ୍ଡଳୀ ଗସ୍ତରେ ଆସି ଜିଲା ପରିଷଦ ଜୋନ ନଂ.୨୨,୨୩ ଓ ୨୫ ର ବୁଥ୍ ଚାଲ ଅଭିଯାନରେ ସାମିଲ ହୋଇଥିଲେ। ଏହି ଅଭିଯାନରେ ଜାନକୀ ପ୍ରଧାନ, ସରୋଜକାନ୍ତ ସାହୁ, ତରୁଣକାନ୍ତ କାଞ୍ଜିଲାଲ ଙ୍କ ସମେତ ବହୁ ବରିଷ୍ଠ କର୍ମକର୍ତ୍ତା ଯୋଗଦେଇ କିପରି ବୁଥ୍ ଚାଲ ଅଭିଯାନକୁ କିପରି ସଫଳ କରାଯିବ ବୋଲି ଆଲୋଚନା କରିଥିଲେ।

### ଫାଇନାଲରେ ଗୋପବନ୍ଧୁ କ୍ରିକେଟ୍ କ୍ଲବ କେନ୍ଦ୍ରାପଡ଼ା

ରାଜନଗର, ୨୯।୧(ଭାସ୍କର ରାଉତରାୟ)

ରାଜନଗର ବ୍ଲକ ବଡ଼ପଲ୍ଲୀ ଚଞ୍ଚଳା ମିନି ଷ୍ଟାଡିୟମରେ ରାଜ୍ୟସ୍ତରୀୟ ୪୨ତମ ଚଞ୍ଚଳା ଟ୍ରଫି କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ସେମିଫାଇନାଲରେ ଜେସିଏ ବାଲେଶ୍ୱର କ୍ରିକେଟ ଟିମ୍‌କୁ ହରାଇ ଗୋପବନ୍ଧୁ କ୍ରିକେଟ କ୍ଲବ କେନ୍ଦ୍ରାପଡ଼ା ଫାଇନାଲରେ ପ୍ରବେଶ କରିଛି। ସୋମବାର ଟସ୍ ଜିତି ଗୋପବନ୍ଧୁ କ୍ରିକେଟ କ୍ଲବ କେନ୍ଦ୍ରାପଡ଼ା ପ୍ରଥମେ ବ୍ୟାଟିଂକରି ୨୬.୪ ଓଭର ଖେଳି ସମସ୍ତ ଉଇକେଟ ହରାଇ ୧୦୪ରନ୍ ସଂଗ୍ରହ କରିଥିଲା। ଜେସିଏ ବାଲେଶ୍ୱର ଟିମ୍ ୨୪.୪ ଓଭର ଖେଳି ସମସ୍ତ ଉଇକେଟ ହରାଇ ୮୬ରନ ସଂଗ୍ରହ କରିଥିଲା। ଦଳର ବ୍ୟାଟ୍ସମ୍ୟାନ ହରେକୃଷ୍ଣ ରାଉଳ ୪୭ ବଲରୁ ୩୦ ରନ କରିଥିଲେ। କେନ୍ଦ୍ରାପଡ଼ା କ୍ରିକେଟ ଟିମ୍‌ର ନୟନ ଗୁପ୍ତା ୨୦ବଲରେ ୩୦ ରନ ଓ ରୋହିତ ୨୩ ବଲ ରୁ ୨୧ ରନ ସଂଗ୍ରହ କରିଥିଲେ। କେନ୍ଦ୍ରାପଡ଼ାର ନୟନ ଗୁପ୍ତାଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ ଘୋଷଣା କରାଯାଇଛି। ବୁଧବାର ଫାଇନାଲ ମ୍ୟାଚ ପାରାଦୀପ ସହିତ କେନ୍ଦ୍ରାପଡ଼ା ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆୟୋଜକ ପଲ୍ଲିଶ୍ରୀ ଯୁବକ ସଂଘର ସଭାପତି ଅଭିମନ୍ୟୁ ପ୍ରଧାନ ଓ ସମ୍ପାଦକ ଅଭିମନ୍ୟୁ ପ୍ରତିହାରୀ ସୂଚନା ଦେଇଛନ୍ତି।

# ଗୋଚର ଜମି ଅବରୋଧ ଉଚ୍ଛେଦ ଦାବିରେ ମହିଳାଙ୍କ ଆମରଣ ଅନଶନ

## ଡେରାବିଶ ତହସିଲଦାରଙ୍କ ପ୍ରତିଶ୍ରୁତି ପରେ ପ୍ରତ୍ୟାହୃତ

ଡେରାବିଶ, ୨୯।୧ (ବେବର୍ତ୍ତା ଅଜୟ ଦାସ)



ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଉଥିବା ମହିଳା।

ଡେରାବିଶ ତହସିଲ ଅନ୍ତର୍ଗତ ଚାଟରାଚକଡ଼ା ପଞ୍ଚାୟତ ଚାଟରାଶାସନ ଓ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତ ଅନ୍ତର୍ଗତ ତରଜଙ୍ଗା ଗ୍ରାମରେ ଦୀର୍ଘବର୍ଷ ଧରି ସର୍ବସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ଗୋଚର ଜମିକୁ କେତେଜଣ ବ୍ୟକ୍ତି ଅବରୋଧ କରି ରଖିଛନ୍ତି। ଏହାର ପ୍ରତିବାଦରେ ସୋମବାର ଡେରାବିଶ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଉଭୟ ଗ୍ରାମର ମହିଳାମାନେ ଅମରଣ ଅନଶନ କରିଥିଲେ। କେନ୍ଦ୍ରାପଡ଼ା ଜିଲା ଚାଷୀ ଶ୍ରମିକ ସଂଘ ନେତୃତ୍ୱରେ ଅନୁଷ୍ଠିତ ଏହି ପ୍ରତିବାଦ ସଭାରେ ସଂଘ ସଭାପତି ପଣ୍ଡିତ ଶରତ ଚନ୍ଦ୍ର ମିଶ୍ର ଅଧ୍ୟକ୍ଷତା କରିଥିଲେ। ସେ କହିଥିଲେ, କେତେଜଣ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ତହସିଲ କାର୍ଯ୍ୟାଳୟ କର୍ମଚାରୀଙ୍କ ସହଯୋଗରେ ବର୍ଷବର୍ଷ ଧରି ସର୍ବସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ଗୋଚର ଜମିକୁ ଅବରୋଧ କରିଛନ୍ତି। ଏହାର ପ୍ରତିବାଦ ଜଣାଇ ସଂଘ ପକ୍ଷରୁ ତହସିଲଦାରଙ୍କଠାରୁ ଆରମ୍ଭ କରି ଜିଲା ପ୍ରଶାସନ ଯାଏ ବାରମ୍ବାର ଦାବି କରାଯାଉଥିଲେ ମଧ୍ୟ ପ୍ରଶାସନିକ ଅଧିକାରୀମାନେ ଏ ଦିଗରେ କୌଣସି ପଦକ୍ଷେପ ନ ନେବା ଅତ୍ୟନ୍ତ ଦୁର୍ଭାଗ୍ୟ ଜନକ। ସଂଘ ସମ୍ପାଦକ କୃତ୍ତିବାସ ଦାସ ନିଜ ବକ୍ତବ୍ୟରେ ଚାଟରାଶାସନ ଓ ତରଜଙ୍ଗା ଗ୍ରାମରେ ଜବରଦଖଲ ଉଚ୍ଛେଦ ପାଇଁ ସଂଘ ପକ୍ଷରୁ ୨୦୨୩ ଡିସେମ୍ବରରେ ତହସିଲଦାର ଓ ଜିଲାପାଳଙ୍କୁ ଏକ ଲିଖିତ ଅଭିଯୋଗ କରାଯାଇଥିଲା। ଏହି ଅଭିଯୋଗରେ ୨୦୨୪ ଜାନୁୟାରୀ ୧୫ ତାରିଖ ମଧ୍ୟରେ ଜବରଦଖଲ ଉଚ୍ଛେଦ ନ ହେଲେ ସଂଘ ନେତୃତ୍ୱରେ ଉଭୟ ଗ୍ରାମର ମହିଳା ମଣ୍ଡଳର ସଦସ୍ୟାମାନେ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଆମରଣ ଅନଶନରେ ବସି ରହିବେ ବୋଲି ତହସିଲଦାର, ଜିଲାପାଳଙ୍କ ସହ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କୁ ଲିଖିତ ଅଭିଯୋଗ କରାଯାଇଥିଲା। ଏଥିସହ ରାଜସ୍ୱ ଆୟୁକ୍ତ ତୁରନ୍ତ ଗୋଚର ଜମି ଅବରୋଧ ମୁକ୍ତ କରିବାକୁ ତହସିଲଦାରଙ୍କୁ ଏକ ପତ୍ର ମାଧ୍ୟମରେ ଜଣାଇଥିଲେ ମଧ୍ୟ ତାହାକୁ କାର୍ଯ୍ୟକାରୀ ନ କରିବା ପ୍ରଶାସନିକ ଦୁର୍ବଳତାକୁ ପଦାରେ ପକାଇଛି ବୋଲି ସମ୍ପାଦକ ଦାସ କହିଛନ୍ତି। ତେବେ ଅପରାହ୍ନ ୧ଟାରେ ତହସିଲଦାର ପ୍ରଜ୍ଞାପରିମିତା ପୃଷ୍ଟି ଅନଶନ ସ୍ଥଳକୁ ଆସି ଦାବିପତ୍ର ଗ୍ରହଣ କରିବା ସହ ଆସନ୍ତା ମେ ମାସ ସୁଦ୍ଧା ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଅନଶନ ପ୍ରତ୍ୟାହୃତ ହୋଇଥିଲା। ତେବେ ମେ ମାସ ସୁଦ୍ଧା ଏହା କାର୍ଯ୍ୟକାରୀ ନ ହେଲେ ଆନ୍ଦୋଳନ ଆହୁରି ବ୍ୟାପକ ହେବ ବୋଲି ସଂଘ ସଭାପତି ମିଶ୍ର ଓ ଅନଶନରତ ମହିଳା ଜୟପ୍ରଦା ମିଶ୍ର, ଶକୁନ୍ତଳା ଶତପଥୀ, ମମତା ଦାଶ, ପାର୍ବତୀ ଗୋସ୍ୱାମୀ, ଉର୍ମିଳା ସ୍ୱାଇଁ, ରତ୍ନମଞ୍ଜରୀ ଦାସ ପ୍ରମୁଖ ଚେତାବନୀ ଦେଇଛନ୍ତି। ଏହି ଆନ୍ଦୋଳନରେ ଅନନ୍ତ କିଶୋର କର, ନଗେନ୍ଦ୍ର ରାଉଳ, ସୁରେନ୍ଦ୍ର କୁମାର ସ୍ୱାଇଁ, ଭରତ କୁମାର ସିଂ, ରବୀନ୍ଦ୍ର ମହାରଣା, ଅନ୍ନପୂର୍ଣ୍ଣା କର, ନେତ୍ରମଣି କର, ରଶ୍ମିତା ଜେନା ପ୍ରମୁଖ ଶତାଧିକ ମହିଳା ଓ ସଂଘ ସଦସ୍ୟମାନେ ସାମିଲ ହୋଇଥିଲେ। ଆଇନ ଶୃଙ୍ଖଳା ରକ୍ଷା ପାଇଁ ଡେରାବିଶ ଥାନା ଅଧିକାରୀ କିଶୋର ଚନ୍ଦ୍ର ତରାଇ, ଏସ୍‌ଆଇ ପ୍ରଦୋଷ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ପୋଲିସ ଟିମ୍ ଉପସ୍ଥିତ ଥିଲେ।

# ହାଇୱା ଧକ୍କାରେ ଜଣେ ମୃତ, ୨ ଛାତ୍ର ଗୁରୁତର

ରାଜନଗର, ୨୯।୧(ଭାସ୍କର ରାଉତରାୟ)

ରାଜନଗର ତାଲଚୁଆ ଥାନା ଅନ୍ତର୍ଗତ ମୁଖ୍ୟ ରାସ୍ତାର ଘଡ଼ିଆମାଳ ନୂଆଗାଁ ଛକରେ ସୋମବାର ହାଇୱା ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିବାବେଳେ ୨ ଜଣ ଦଶମ ଶ୍ରେଣୀ ଛାତ୍ର ଗୁରୁତର ଆହତ ହୋଇଛନ୍ତି। ଏହାର ପ୍ରତିବାଦରେ ପୂର୍ବାହ୍ନ ୧୧ରୁ ୫ଟା ଯାଏ ରାସ୍ତାରୋକୋ ହୋଇଥିବା ବେଳେ ଲୋକଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଘଡ଼ିଆମାଳ ପଞ୍ଚାୟତ ନୂଆଗାଁର ହରିଶ୍ଚନ୍ଦ୍ର ପାଣ୍ଡ ନିଜ ବାଇକ୍ ଯୋଗେ ଘରକୁ ଫେରୁଥିଲେ। ଗାଁ ଛକରେ ଡାଙ୍ଗମାଳ ପଟୁ ଦ୍ରୁତଗତିରେ ଆସୁଥିବା ହାଇୱା ଘଡିଆମାଳ ହାଇସ୍କୁଲକୁ ସାଇକେଲରେ ପଢ଼ିବାକୁ ଯାଉଥିବା ୨ ଛାତ୍ରଙ୍କୁ ଧକ୍କା ଦେଇଥିଲା। ଏଥିରେ ସାଇକେଲ ଭାଙ୍ଗିଯାଇଥିବା ବେଳେ ୨ ଛାତ୍ର ଛିଟିକି ପଡ଼ିଥିଲେ। ଜୁଣଗଡ଼ି ଗାଁର ସୌରଭ ନାୟକ ଓ ପଦ୍ମନାଭପୁର ଗାଁର ନୃସିଂହ ପ୍ରଧାନ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ପ୍ରଥମେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ୨ ଦଶମ ଶ୍ରେଣୀ ଛାତ୍ରଙ୍କୁ ଧକ୍କାଦେବା ପରେ ହାଇୱା ଘରକୁ ଫେରୁଥିବା ହରିଶ୍ଚନ୍ଦ୍ରଙ୍କ ଉପରେ ସିଧା ଚଢ଼ାଇ ଦେଇଥିଲା। ହାଇୱା ଚକା ତଳେ ହରିଶ୍ଚନ୍ଦ୍ରଙ୍କ ବାଇକ୍ ଓ ସେ ରହିଯାଇଥିଲେ। ହରିଶ୍ଚନ୍ଦ୍ରଙ୍କ ମୁଣ୍ଡ ଉପରେ ହାଇୱା ଚଢ଼ିଯାଇଥିଲା। ଘଟଣାସ୍ଥଳରେ ହରିଶ୍ଚନ୍ଦ୍ରଙ୍କର ମୃତ୍ୟୁ ଘଟିଥିଲା। ସ୍ଥାନୀୟ ଲୋକେ ବେପରୁଆ ଗାଡ଼ି ଚାଳନାକରି ପ୍ରାଣ ନେଇଥିବା ହାଇୱା ଡ୍ରାଇଭରଙ୍କୁ ଉତ୍ତମ ମଧ୍ୟମ ଦେବା ସହ ଘର ମଧ୍ୟରେ ଅଟକ ରଖିଥିଲେ। ଏହାକୁ ନେଇ ସ୍ଥାନୀୟ ଲୋକେ ରାସ୍ତାରୋକୋ କରି ବସିଥିଲେ। ଘଟଣାସ୍ଥଳରେ ଏସ୍‌ଡିପିଓ କ୍ଷମାସାଗର ପଣ୍ଡା, ଆଇଆଇସି ଅଜୟ କୁମାର ଜେନା, ତାଲଚୁଆ ଆଇଆଇସି ସସ୍ମିତା ସାହୁ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କ ସହ ଆଲୋଚନା କରିଥିଲେ ମଧ୍ୟ ଲୋକେ କ୍ଷତିପୂରଣ ଦାବିରେ ରାସ୍ତା ଉପରେ ବସିରହିଥିଲେ। ସନ୍ଧ୍ୟା ୫ଟାରେ ରାସ୍ତାରୋକୋ ହଟିଥିଲା। ମୃତ ହରିଶ୍ଚନ୍ଦ୍ରଙ୍କର ୩ ଝିଅ ଥିବାରୁ ପରିବାର କିପରି ଚଳିବ ଓ ଭରଣପୋଷଣ ପାଇଁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଛି।

# ରିଘାଗଡ଼ର ଶ୍ରୀବଳଦେବ ଜୀଉଙ୍କ ପୂଜାନୀତି ବନ୍ଦ

## ସେବାୟତଙ୍କ ମଧ୍ୟରେ କଳି

ରାଜନଗର, ୨୯।୧ (ଭାସ୍କର ରାଉତରାୟ)



ରାଜନଗର ବ୍ଲକ ଈଶ୍ୱରପୁର ପଞ୍ଚାୟତ ରିଘାଗଡ଼ଠାରେ ଥିବା ଆରାଧ୍ୟ ଦେବତା ଶ୍ରୀବଳଦେବଜୀଉଙ୍କ ସେବାୟତଙ୍କ ମଧ୍ୟରେ କଳହ ଯୋଗୁ ପୂଜାନୀତିରେ ବିଭ୍ରାଟ ସୃଷ୍ଟି ହୋଇଛି। ଠାକୁରଙ୍କ ପୂଜାନୀତି ଦାୟିତ୍ୱରେ ଥିବା ସେବାୟତଙ୍କ ମଧ୍ୟରେ କଳି ଓ ବିବାଦ ଯୋଗୁ ସୋମବାର ଠାକୁର ଉପବାସରେ ରହିଥିଲେ। ସନ୍ଧ୍ୟା ୬ଟା ଯାଏ ଠାକୁରଙ୍କ ପୂଜାନୀତି ହୋଇପାରି ନ ଥିଲା। ଠାକୁର ଉପବାସରେ ଥିବାରୁ ସ୍ଥାନୀୟ ଅଞ୍ଚଳରେ ପ୍ରତିକ୍ରିୟା ପ୍ରକାଶ ପାଇଛି।

ସୂଚନା ମୁତାବକ, ରିଘାଗଡ଼ଠାରେ ଥିବା ପ୍ରାଚୀନ ଶ୍ରୀବଳଦେବଜୀଉଙ୍କ ମନ୍ଦିର ପରିଚଳନା ଦାୟିତ୍ୱରେ କନିକା ରାଜ ପରିବାର ରହିଛନ୍ତି। ଠାକୁରଙ୍କର ଶହ ଶହ ଏକର ସମ୍ପତ୍ତି ରହିଛି। ଦୈନିକ ପୂଜାନୀତି ପାଇଁ ବଡ଼ପଣ୍ଡାଙ୍କ ସହିତ ଅନ୍ୟ ସେବାୟତ ରହିଛନ୍ତି। ୨୭ ତାରିଖରେ ସେବାୟତ ଶରତ ଦାଶ ଓ ହୃଷୀକେଶ ପଣ୍ଡାଙ୍କ ପୁଅଙ୍କ ସହିତ କୌଣସି କାରଣରୁ ମନ୍ଦିର ପରିଚାଳକ ସୁବାସ ଚନ୍ଦ୍ର ଦାଶଙ୍କୁ ପଚାରିବାରୁ ଦୁଇ ସେବାୟତଙ୍କ ମଧ୍ୟରେ ବିବାଦ ଯୋଗୁ ଠାକୁର ଉପବାସରେ ରହିଛନ୍ତି। ମୁଁ ବାହାରେ ଥିଲି, ପହଞ୍ଚି ଅନ୍ୟ ପୂଜକଙ୍କୁ ଡାକି ପୂଜନୀତିର ବ୍ୟବସ୍ଥା କରୁଛି ବୋଲି କହିଛନ୍ତି।

ବିବାଦ ହୋଇଥିଲା। ରବିବାର ବୁଝାଶୁଝା ପରେ ଠାକୁରଙ୍କ ପୂଜାନୀତି ହୋଇଥିଲା। ମାତ୍ର ସୋମବାର ସକାଳ ୫ ଟାରେ ମଙ୍ଗଳ ଆରତି ଓ ମହାସ୍ନାନ ପରେ ଅନ୍ୟ ନୀତି କାର୍ଯ୍ୟ ସନ୍ଧ୍ୟା ଯାଏଁ ଅନୁଷ୍ଠିତ ହୋଇପାରିନାହିଁ। ଭୋଗ ମଣ୍ଡପ ଓ ବାହାର ଠାକୁରଙ୍କ ପୂଜାନୀତି ହୋଇପାରି ନ ଥିବାରୁ ସକାଳ ୯ଟାରେ ଲାଗି ହେବାକୁ ଥିବା ମଢେଇ ଭୋଗ, ମଧ୍ୟାହ୍ନ ଧୂପ ଆଜିର ନୀତିକାନ୍ତି ହୋଇପାରିନାହିଁ। ଫଳରେ ଠାକୁର ଉପବାସରେ ରହିଛନ୍ତି। ଏ ସମ୍ପର୍କରେ

# ଜିଲାରେ ଖୋଲିବ ହସ୍ତଶିଳ୍ପ ଟ୍ରେନିଂ ସେଣ୍ଟର

କେନ୍ଦ୍ରାପଡ଼ା, ୨୯।୧ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲାରେ ହସ୍ତଶିଳ୍ପ କାରିଗରି ଦକ୍ଷତା ବୃଦ୍ଧି ପାଇଁ ଏକ ଟ୍ରେନିଂ ସେଣ୍ଟର ଖୋଲିବ। ଏଠାରେ ଡିଜାଇନର ବିକାଶ କରାଯିବ। ଏପରିକି ହସ୍ତଶିଳ୍ପ ସାମଗ୍ରୀ ପ୍ରଦର୍ଶନୀ ଓ ବିକ୍ରୟସ୍ଥଳ ହେବ। ଏପରି ପ୍ରକଳ୍ପର ଆର୍ଥିକ ପ୍ରସ୍ତାବ ଦେବା ପାଇଁ ହସ୍ତଶିଳ୍ପ ନିର୍ଦ୍ଦେଶକ ପ୍ରଣତି ଛୋଟରାୟ କେନ୍ଦ୍ରାପଡ଼ା ଜିଲା ହସ୍ତଶିଳ୍ପ ସହକାରୀ ନିର୍ଦ୍ଦେଶକଙ୍କୁ ୨୫ ତାରିଖରେ ଏକ ଚିଠି ନଂ. ୪୪୨ କରିଛନ୍ତି। ଏଥିରେ ସେ ପଟ୍ଟାମୁଣ୍ଡାଇ ବ୍ଲକସ୍ଥ ଉତ୍କଳମଣି ଯୁବକ ସଂଘର ସଭାପତି ଗୌତମ ବେହେରାଙ୍କ ପ୍ରସ୍ତାବଗୁଡ଼ିକୁ ଗୁରୁତ୍ୱ ଦେଇଛନ୍ତି। ଏ ସମ୍ପର୍କରେ ସଭାପତି ବେହେରା ସୂଚନା ଦେଇଛନ୍ତି, କେନ୍ଦ୍ରାପଡ଼ା ଜିଲାର ମାଟି ସାମଗ୍ରୀ ଖୁବ୍ ଉନ୍ନତ। ଜିଲାର ପ୍ରତ୍ୟେକ ଅଞ୍ଚଳରେ ଏହି କାରିଗର ପୂର୍ବରୁ କୌଳିକ ବୃତ୍ତିରେ ରହି ଅର୍ଥ ଉପାର୍ଜନ କରୁଥିଲେ। ସମ୍ପ୍ରତି ପ୍ଲାଷ୍ଟିକ ଓ ଟେରାକୋଟା ସାମଗ୍ରୀର ଚାହିଦା ବଢ଼ିଥିବାରୁ ମାଟି କାରିଗର ବୃତ୍ତି ଛାଡ଼ିବା ଯୋଗୁ ଜିଲାର ସ୍ୱତନ୍ତ୍ର ପରିଚୟ ନଷ୍ଟ ହେବାରେ ଲାଗିଛି। ଅପରପକ୍ଷରେ ପ୍ଲାଷ୍ଟିକ ସାମଗ୍ରୀର ଭୟାବହତା ସମ୍ପର୍କରେ ସମସ୍ତେ ସଚେତନ ହେଲେଣି।

ସେହିପରି ପାରମ୍ପାରିକ ଉତ୍ପାଦ ବଦଳରେ ମାଟି କାରିଗର ଟେରାକୋଟା ସାମଗ୍ରୀ ପ୍ରତି ବିଶେଷ ଧ୍ୟାନ ଦେଉଛନ୍ତି। ତେବେ ଏହି କାରିଗରଙ୍କ ଦକ୍ଷତା ବୃଦ୍ଧି ପାଇଁ କୌଣସି ବ୍ୟବସ୍ଥା ଜିଲାରେ ନାହିଁ। ଏହି ଅବ୍ୟବସ୍ଥା ଦୂର ପାଇଁ ୨୦୨୩ ଅକ୍ଟୋବର ୮ରେ ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣି ପୋର୍ଟାଲରେ ଆବେଦନ କରାଯାଇଥିଲା। ହସ୍ତଶିଳ୍ପ ବିଭାଗ ଏହାକୁ ଗୁରୁତ୍ୱ ଦେଇଥିବାରୁ ଆଗାମୀଦିନରେ ଜିଲାରେ ହସ୍ତଶିଳ୍ପ ଦକ୍ଷତା ବୃଦ୍ଧି କେନ୍ଦ୍ର ଦେଖିବାକୁ ମିଳିବ ବୋଲି ସେ ଆଶା କରିଛନ୍ତି।

# ଏନ୍‌ସିସି କମାଣ୍ଡର ପ୍ରୀତିଲତା ପୁରସ୍କୃତ



ପ୍ରୀତିଲତାଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପୁରସ୍କୃତ କରୁଛନ୍ତି।

କେନ୍ଦ୍ରାପଡ଼ା, ୨୯।୧ (ଜଗନ୍ନାଥ ଧଳ)

ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଦିଲ୍ଲୀସ୍ଥିତ କରିଅପ୍ପା ମୈଦାନରେ ଏନ୍‌ସିସି ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ କେନ୍ଦ୍ରାପଡ଼ା ଜିଲା ତିନିମୁହାଣି କଲେଜ ଛକ ନିକଟସ୍ଥ ଗ୍ରାମର ଇଂ. ନିହାର ରଞ୍ଜନ ସାହୁଙ୍କ ଝିଅ ପ୍ରୀତିଲତା ମହାରାଷ୍ଟ୍ର ଏନ୍‌ସିସି ୱିଙ୍ଗର କମାଣ୍ଡର ଭାବେ କାର୍ଯ୍ୟ ତୁଲାଇ ପୁରସ୍କୃତ ହୋଇଛନ୍ତି। ମହାରାଷ୍ଟ୍ର ଏନ୍‌ସିସି ୱିଙ୍ଗ ଏହି ପରେଡରେ ଦେଶର ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଏଥିପାଇଁ କମାଣ୍ଡର ପ୍ରୀତିଲତାଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପୁରସ୍କୃତ କରିଥିଲେ। ତାଙ୍କର ଏହି କୃତିତ୍ୱରେ ସ୍ଥାନୀୟ ଅଞ୍ଚଳରେ ଖୁସିର ଲହର ଦେଖିବାକୁ ମିଳିଛି। ସୂଚନାଯୋଗ, ପ୍ରୀତିଲତା ସମ୍ପ୍ରତି ମହାରାଷ୍ଟ୍ର ରାଜ୍ୟ ପାନଭିଲସ୍ଥ ଏନ୍‌ଏଚ୍‌ପିଏସ୍‌ରେ ଅଧ୍ୟୟନ କରୁଛନ୍ତି।

# ୮ରେ ପଟ୍ଟାମୁଣ୍ଡାଇ ବ୍ଲକରେ ଧାରଣା

## ମେଡିକାଲ କଲେଜ ହସ୍ପିଟାଲ ପ୍ରତିଷ୍ଠା ଦାବି

ପଟ୍ଟାମୁଣ୍ଡାଇ, ୨୯।୧ (କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲାରେ ମେଡିକାଲ କଲେଜ ଓ ହସ୍ପିଟାଲ ପ୍ରତିଷ୍ଠା ଦାବି ପ୍ରତି ସରକାର ଟାଳଟୁଳ ନୀତି ଅବଲମ୍ବନ କରୁଥିବାରୁ ମିଳିତ କ୍ରିୟାନୁଷ୍ଠାନ କମିଟି ପ୍ରଥମଥର ପାଇଁ ଆନ୍ଦୋଳନକୁ ଜିଲାସ୍ତରରୁ ବ୍ଲକସ୍ତରକୁ ନେବାକୁ ନିଷ୍ପତ୍ତି ଗ୍ରହଣ କରିଛି। ଏହି ଉପଲକ୍ଷେ ଦାଣ୍ଡିସାହିସ୍ଥିତ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ କାର୍ଯ୍ୟାଳୟ ପରିସରରେ ପଟ୍ଟାମୁଣ୍ଡାଇ ଧୋୟାଞ୍ଚଳ ବିକାଶ ପରିଷଦର ସଭାପତି ରାଜ କୁମାର ବିଶ୍ୱାଳଙ୍କ ପୌରୋହିତ୍ୟରେ ଜନଜାଗରଣ ସଭା ଆୟୋଜିତ ହୋଇଥିଲା। ଏଥିରେ ଯୋଗଦେଇ କ୍ରିୟାନୁଷ୍ଠାନ କମିଟିର ସଭାପତି ଅଧ୍ୟାପକ ଅଜୟ ସାମଲ ଆର୍ଥିକ ଦୃଷ୍ଟିରୁ ଜିଲା ପଛୁଆ ରହିବା, ଦୁର୍ବଳ ଭିତ୍ତିଭୂମି ଓ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ସେବା ସ୍ଥିତି ସମ୍ପର୍କରେ ସୂଚନା ଦେଇ ଏଥିରେ ସୁଧାର ନିମନ୍ତେ ଜିଲାରେ ମେଡିକାଲ କଲେଜ ଓ ହସ୍ପିଟାଲ ପ୍ରତିଷ୍ଠାର ଅପରିହାର୍ଯ୍ୟ ଆବଶ୍ୟକ ବୋଲି କହିଥିଲେ। ସମ୍ପାଦକ ରମଣୀ ରଞ୍ଜନ ରାଉତରାୟ କ୍ରିୟାନୁଷ୍ଠାନ କମିଟିର ମେଡିକାଲ କଲେଜ ଓ ହସ୍ପିଟାଲ ପ୍ରତିଷ୍ଠା ଦାବିକୁ ପ୍ରତି ପରିବାର ପାଖରେ ପହଞ୍ଚାଇବା ସହ ପଟ୍ଟାମୁଣ୍ଡାଇ ବ୍ଲକସ୍ତରୀୟ ଆନ୍ଦୋଳନ ସଙ୍ଗଠିତ କରିବାକୁ ପ୍ରସ୍ତାବ ଦେଇଥିଲେ। ଏହି ପ୍ରସ୍ତାବ ଉପରେ ପ୍ରାକ୍ତନ ଜିଲା ପରିଷଦ ସଭ୍ୟ ନାରଦ ଚନ୍ଦ୍ର ବିଶ୍ୱାଳ, ଅଧ୍ୟାପକ ରବି ରଞ୍ଜନ ଶର୍ମା, ପେଣ୍ଠପାଳ ସରପଞ୍ଚ କୈଳାସ ଚନ୍ଦ୍ର ସେଠୀ, ତରଡ଼ିପାଳର ପୂର୍ବତନ ସରପଞ୍ଚ ଅଜୟ କୁମାର ବିଶ୍ୱାଳ, ପୂର୍ବତନ ପ୍ରଧାନ ଶିକ୍ଷକ ସଚ୍ଚିତ୍ର ବେହେରା, ନିମାଇଁ ମଲିକ, ପ୍ରେମାନନ୍ଦ ସୂତାର, ସୁରେନ୍ଦ୍ର ନାୟକ, ଅହଲ୍ୟା ମଲିକ, ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଆସନ୍ତା ଫେବୃଆରୀ ୮ରେ ପଟ୍ଟାମୁଣ୍ଡାଇ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାକୁ ସବୁମତେ ସଫଳ କରିବାକୁ ଜନସାଧାରଣଙ୍କୁ ଅନୁରୋଧ କରାଯାଇଥିଲା। ଶେଷରେ କାର୍ତ୍ତିକ ଚନ୍ଦ୍ର ରାଉତ ଧନ୍ୟବାଦ ଦେଇଥିଲେ।

# ନଳିନୀକାନ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଶ୍ୱ ଓଡ଼ିଆ ଭାଷା କାର୍ଯ୍ୟକ୍ରମ

ରାଜନଗର, ୨୯।୧(ଭାସ୍କର ରାଉତରାୟ)

ରାଜନଗର ବ୍ଲକର ଚାନ୍ଦିବାଉଁଶମୂଳସ୍ଥିତ ନଳିନୀକାନ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଆୟୋଜନ ଓ ଜଗନ୍ନାଥ ସଂସ୍କୃତିର ପ୍ରଚାର ପରିପ୍ରେକ୍ଷୀରେ ନୂଆ-ଓ ଯୋଜନା ମାଧ୍ୟମରେ, ଓଡ଼ିଆ କଳା ସଂସ୍କୃତି, ଇତିହାସ, ସାହିତ୍ୟ ଓ ଅନ୍ୟ ବିଷୟ ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କଲେଜର ଅଧ୍ୟକ୍ଷ ବ୍ରହ୍ମାନନ୍ଦ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପଟ୍ଟାମୁଣ୍ଡାଇ କଲେଜର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ମୁଖ୍ୟ ପୂର୍ବତନ ପ୍ରଫେସର ଡ.ନୀଳମଣି ଲେଙ୍କା, ମୁଖ୍ୟବକ୍ତା ଭାବେ ଶ୍ରୀଜଗନ୍ନାଥ ଉଚ୍ଚ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ଅନାଦି ଚରଣ ଜେନା, ସମ୍ମାନିତ ଅତିଥି ଭାବେ ଖବରଦାତା ଜଗନ୍ନାଥ ଦାସ ଯୋଗଦେଇଥିଲେ। ଅଧ୍ୟାପକ ଉମାକାନ୍ତ ମିଶ୍ର ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ତୈଲୋଚନ ରାଉତ, ଗିରୀଶ କୁମାର ନାୟକ, ଅଧ୍ୟାପିକା ଜ୍ୟୋତ୍ସ୍ନାବାଳା ଦାସ, ଚୋଧୁରୀ ଜୟନ୍ତ କୁମାର ପ୍ରହରାଜ, କିଶୋର ଚନ୍ଦ୍ର ଚୌଧୁରୀ, ବସନ୍ତ କୁମାର ରାଉଳ, ସୁଚିତ୍ରା ବଳ, ଯାମିନୀକନ୍ତ ରାଉଳ, ଅଶୋକ କୁମାର ରାଉତ, ଦିଗମ୍ବର ପଣ୍ଡା ଓ ପୁଷ୍ପଲତା ରାଉତ ପ୍ରମୁଖ ସହଯୋଗ କରିଥିଲେ।

# ମିଳିତ ଜନଶୁଣାଣି : ୧୨୦ ଅଭିଯୋଗ




ଜନଶୁଣାଣିରେ ପ୍ରଶାସନିକ ଅଧିକାରୀମାନେ।

ରାଜନଗର, ୨୯।୧(ଭାସ୍କର ରାଉତରାୟ)

ରାଜନଗର ବ୍ଲକ ସଭାଗୃହରେ କେନ୍ଦ୍ରାପଡ଼ା ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଜନଶୁଣାଣି ଶିବିରରେ ୧୨୦ ଅଭିଯୋଗର ଶୁଣାଣି କରାଯାଇଛି। ନୂତନ ଏସ୍‌ପି ବାନୋଥ ଯୁଗଳ କିଶୋର କୁମାରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଜନଶୁଣାଣି ଶିବିରରେ ଏଡିଏମ୍ ନିଲୁ ମହାପାତ୍ର, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ରାଜେନ୍ଦ୍ର କୁମାର ପଣ୍ଡା, ଉପଜିଲାପାଳ ରବୀନ୍ଦ୍ର କୁମାର ପ୍ରଧାନ, ବିଡିଓ ନିଶାନ ମିଶ୍ର, ତହସିଲଦାର ଅଜୟ କୁମାର ମହାନ୍ତି ପ୍ରମୁଖ ଯୋଗଦେଇ ଅଭିଯୋଗର ଶୁଣାଣି କରିଥିଲେ। ପ୍ରାୟ ସମସ୍ତ ଅଭିଯୋଗ ରାଶନ କାର୍ଡ, ପ୍ରଧାନମନ୍ତ୍ରୀ ଆବାସ ଓ ବାର୍ଦ୍ଧକ୍ୟ ଭତ୍ତା ସମ୍ପର୍କିତ ଥିଲା। ଏଥିସହ ଚାଷୀମାନେ ଉଠା ଜଳସେଚନ ପଏଣ୍ଟଗୁଡ଼ିକରୁ ବିଦ୍ୟୁତ୍ ବିଭାଗ ବିଦ୍ୟୁତ୍ କନେକ୍ସସନ କାହାକୁ ନ କହି କାଟି ଦେଉଛନ୍ତି। ଉଠା ଜଳସେଚନ ବିଭାଗ, ପାଣି ପଞ୍ଚାୟତ ଓ ବିଦ୍ୟୁତ୍ ବିଭାଗ ମଧ୍ୟରେ ଚୁକ୍ତି ହୋଇଥିଲା। ବିଦ୍ୟୁତ୍ ବିଭାଗ ଲାଇନ କାଟିଦେବା ଯୋଗୁ ଉଠା ଜଳସେଚନ ପ୍ରକଳ୍ପ ସମ୍ପୂର୍ଣ୍ଣ ଅଚଳ ହୋଇପଡ଼ିଛି।

# ଭଲିବଲ ଟୁର୍ନାମେଣ୍ଟ: ଚାନ୍ଦବାଲି ଚାମ୍ପିୟନ

ଆଳି,୨୯।୧(ବନମାଳୀ ସେନାପତି)

କେନ୍ଦ୍ରାପଡା ଜଲା ଆଳି ବ୍ଲକ ନମୌଜା ହାଇସ୍କୁଲ ପଡ଼ିଆରେ ରାଜ୍ୟସ୍ତରୀୟ ଷଷ୍ଠ ଗୁରୁ ମହାରାଜ ଏକ ଦିବସୀୟ ଭଲିବଲ ଟୁର୍ନାମେଣ୍ଟ ଆୟୋଜିତ ହୋଇଯାଇଛି। ଏହି ଖେଳରେ ମୁଖ୍ୟ ଅତିଥି ଭାବେ ଆଳି ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ସାମଲ ଓ ମୁଖ୍ୟ ବକ୍ତା ଭାବେ ଜିଲା ପରିଷଦ ତଥା ଯୋଜନା ବୋର୍ଡ ସଦସ୍ୟ ଭୀଷ୍ମ ମହାନ୍ତି ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। କ୍ରୀଡାବିତ ଭଗବାନ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ସଚଳା ମହି, ପୂର୍ବତନ ସରପଞ୍ଚ ପ୍ରଦ୍ୟୁମ୍ନ ଦାଶ, ଭରତ ସେଠୀ, ସାମାଜିକ କର୍ମୀ ବିଜୟ ମହି, ପୂର୍ବତନ ପ୍ରଧାନ ଶିକ୍ଷକ ଅରୁଣ ଦାସ ଓ ନିରଞ୍ଜନ ଦାଶ ଯୋଗ ଦେଇଥିଲେ। ଏହା ପରେ ଆୟୋଜିତ ଖେଳ ରାଜ୍ୟର ୬ ଟି ଟିମ୍ ବାଲେଶ୍ୱର, ପାରାଦୀପ, ଜଗତ୍‌ସିଂହପୁର, ଚାନ୍ଦବାଲି, ପଟ୍ଟାମୁଣ୍ଡାଇ ଓ ମହାକାଳପଡ଼ା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ପର୍ଯ୍ୟାୟ ପ୍ରତିଯୋଗିତା ପରେ ଜଗତ୍‌ସିଂହପୁର ଓ ଚାନ୍ଦବାଲି ଫାଇନାଲରେ ପହଞ୍ଚି ଥିଲେ। ଉଭୟଙ୍କ ମଧ୍ୟରେ ଅନୁଷ୍ଠିତ ସଂଘର୍ଷପୂର୍ଣ୍ଣ ମ୍ୟାଚରେ ଚାନ୍ଦବାଲି ଟିମ୍ ଜଗତ୍‌ସିଂହପୁର ଟିମ୍‌କୁ ୨-୦ ସେଟ୍‌ରେ ପରାସ୍ତ କରି ଚାମ୍ପିୟନ ହୋଇଥିଲା। ଶେଷରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଅତିଥିମାନେ ଚାମ୍ପିୟନ ଓ ରନର୍ସ ଅପ ଟିମ୍‌କୁ ଟ୍ରଫି ସହ ନଗଦ ଅର୍ଥ ପ୍ରଦାନ କରିଥିଲେ। ରେଫ୍ରି ଭାବେ ଶରତ ଦାସ ଓ ଅରୂପ ନାୟକ ଖେଳ ପରିଚାଳନା କରିଥିଲେ। ଏହି ଖେଳର ଅନ୍ୟ କାର୍ଯ୍ୟକ୍ରମକୁ ସାରଳା ଦାସ, ଭୁବନାନନ୍ଦ ଦାଶ, ରଞ୍ଜିତ ବାରିକ ଓ ବିଜୟକାନ୍ତ ବିଶ୍ୱାଳ ପ୍ରମୁଖ ପରିଚାଳନା କରିଥିଲେ।



ଅତିଥିଙ୍କ ଗହଣରେ ଚାମ୍ପିୟନ ଦଳର ଖେଳାଳିମାନେ।

## ସଂକ୍ଷେପରେ

### ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଯୋଜନାରେ ନୟାଗଡ଼ ଜିଲା

ନୟାଗଡ଼,୨୯।୧(ଲୋକନାଥ ମିଶ୍ର) ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଅନ୍ତର୍ଗତ ରାଜ୍ୟସ୍ତରୀୟ ପୁରସ୍କାର ବିତରଣ ଉତ୍ସବ ଆସନ୍ତା ୩୧ ତାରିଖ ସାଢ଼େ ୨ଟାରୁ ସନ୍ଧ୍ୟା ସାଢେ ୭ଟା ପର୍ଯ୍ୟନ୍ତ ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଏଥି ନିମନ୍ତେ ନୟାଗଡ଼ ଜିଲାରୁ ବିଭିନ୍ନ ପର୍ଯ୍ୟାୟରେ ମେଧାବୀ ଛାତ୍ରୀଛାତ୍ର, ବିଦ୍ୟାଳୟ, ପ୍ରଧାନ ଶିକ୍ଷକ ଓ ଶିକ୍ଷୟିତ୍ରୀ, ବିଭିନ୍ନ ବିଷୟରେ କୃତୀ ଶିକ୍ଷୟିତ୍ରୀଶିକ୍ଷକ ଓ ବ୍ଲକ ରାଜ୍ୟସ୍ତରୀୟ ଉତ୍ସବରେ ପୁରସ୍କୃତ ହେବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଛାତ୍ର ଏକାଡେମୀ ପୁରସ୍କାର ପର୍ଯ୍ୟାୟରେ ଜିଲାରୁ ୬ ଜଣ ଯୋଗ୍ୟ ବିବେଚିତ ହୋଇଥିବା ବେଳେ ଛାତ୍ର ମେରିଟ ବୃତ୍ତି ପର୍ଯ୍ୟାୟରେ ଜିଲାରୁ ମୋଟ ୬୯ ଛାତ୍ରୀଛାତ୍ର ପୁରସ୍କାର ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେହିପରି ଜିଲା ମାଧ୍ୟମିକ ବିଦ୍ୟାଳୟ, ପ୍ରଧାନ ଶିକ୍ଷୟିତ୍ରୀ, ପ୍ରଧାନ ଶିକ୍ଷକ ପର୍ଯ୍ୟାୟରେ ରାଜ୍ୟସ୍ତରୀୟ ପୁରସ୍କାର ପାଇବାକୁ ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ କୁମ୍ଭାରପଡ଼ା ଉଚ୍ଚ ବିଦ୍ୟାଳୟ ଓ ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ଯୋଗ୍ୟ ବିବେଚିତ ହୋଇ ଜିଲାକୁ ଗୌରବ ମଣ୍ଡିତ କରିଛନ୍ତି। ୭ଟି ବିଷୟଭିତ୍ତିକ ଜିଲାସ୍ତରୀୟ କୃତୀ ଶିକ୍ଷୟିତ୍ରୀଶିକ୍ଷକ ପର୍ଯ୍ୟାୟରେ ପ୍ରଥମ ଭାଷା, ଦ୍ୱିତୀୟ ଭାଷା, ତୃତୀୟ ଭାଷା, ଗଣିତ, ସାଧାରଣବିଜ୍ଞାନ, ସାମାଜକି ବିଜ୍ଞାନ ଓ ଶାରୀରିକ ଶିକ୍ଷା ପ୍ରତି ବର୍ଗରୁ ୨ ଜଣ କରି ୧୪ ଜଣ କୃତୀ ଶିକ୍ଷୟିତ୍ରୀଶିକ୍ଷକ ପୁରସ୍କାର ପାଇବେ। ସେହିପରି ବ୍ଲକ ପର୍ଯ୍ୟାୟରେ ଖଣ୍ଡପଡ଼ା ବ୍ଲକ ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଯାହାକି ଜିଲାକୁ ଗୌରବ ବିମଣ୍ଡିତ କରିଛି। ସମସ୍ତ ଯୋଗ୍ୟ ବିବେଚିତ ବିଦ୍ୟାଳୟ, ପ୍ରଧାନ ଶିକ୍ଷକ, ଶିକ୍ଷୟିତ୍ରୀ ଓ କୃତୀ ଛାତ୍ରୀଛାତ୍ରମାନଙ୍କୁ ଜିଲା ପ୍ରଶାସନ ପକ୍ଷରୁ ପ୍ରଶଂସା ଓ ଅଭିନନ୍ଦନ ଜଣାଇ ଦିଆଯାଉଛି।

### ବଳଦ ଘୋଷାରି ନେବାରୁ ଚାଷୀଙ୍କ ମୃତ୍ୟୁ

ଖଣ୍ଡପଡା,୨୯।୧(ଅଜୟ କୁମାର ମହାରଣା): ଖଣ୍ଡପଡ଼ା ଥାନା ଅଧୀନ ବଡ଼ବାଣପୁର ପଞ୍ଚାୟତ ଅନ୍ତର୍ଗତ ମହାଦେବ ସାହିର ଚାଷୀ ମୁରଲୀ ମନ୍ତ୍ରୀ (୭୫)ଙ୍କର ବଳଦ ଘୋଷଡି ନେବାରେ ମୃତ୍ୟୁ ହୋଇଛି। ସୂଚନାଯୋଗ୍ୟ, ନିଜ ବଳଦକୁ ଗୁହାଳରୁ ଫିଟାଇ ଆଣି ଦାନା ଖୁଆଇବାକୁ ନେଉଥିଲେ। ଏହି ସମୟରେ ହଠାତ୍ ବଳଦ ସମ୍ମୁଖରେ ଏକ ପାତୀ ମାଙ୍କଡ଼ ଆସୁଥିବା ଦେଖି ଉତ୍କ୍ଷିପ୍ତ ହୋଇ ପଘା ସହ ମୁରଲୀଙ୍କୁ ଘୋଷାଡ଼ି ନେଇ ଯାଇଥିଲା। ଏହି ସମୟ ମଧ୍ୟରେ ମୁରଲୀଙ୍କ ମୁଣ୍ଡ ସମେତ ବିଭିନ୍ନ ସ୍ଥାନରେ ଗଭୀର ଆଘାତ ଲାଗିଥିଲା। ତାଙ୍କୁ ଆଶୁ ଚିକିତ୍ସା ନିମନ୍ତେ ନିକଟସ୍ଥ କଣ୍ଟିଲୋ ସ୍ୱାସ୍ଥ୍ୟକେନ୍ଦ୍ରରେ ଓ ପରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ମାତ୍ର ଗୋଟିଏ ଦିନ ପରେ ଶନିବାର ତାଙ୍କର ମୃତ୍ୟୁ ଘଟିଛି।

# ଯିଏ କାମ କରୁନାହାନ୍ତି, କଡ଼ା ପଦକ୍ଷେପ ନିଆଯିବ

- ନୂଆଗାଁ ବ୍ଲକ ଷଷ୍ଠ ସାଧାରଣ ଅଧିବେଶନ
- ପ୍ରଶ୍ନବାଣରେ ଘାଇଲା ଆରଡବ୍ଲୁଏସ୍ଏସ୍ ଯନ୍ତ୍ରୀ
- ମିଟିଂକୁ ଆସିବା ପୂର୍ବରୁ ପ୍ରସ୍ତୁତ ହୋଇ କି ଆସ
- ଉଦୟପୁର ପଞ୍ଚାୟତରେ ହେଉନି ବିକାଶମୂଳକ କାର୍ଯ୍ୟ

ନୂଆଗାଁ, ୨୯।୧ (ଧନେଶ୍ୱର ସାହୁ)


ବୈଠକରେ ମଞ୍ଚାସୀନ ଅତିଥି।

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ସଭାଗୃହ ମଧ୍ୟରେ ବ୍ଲକର ଷଷ୍ଠ ସାଧାରଣ ଅଧିବେଶନ ସୋମବାର ଅନୁଷ୍ଠିତ ହୋଇଯାଇଛି। ବୈଠକ ପ୍ରାରମ୍ଭରେ ସରକାରଙ୍କ ଯୋଜନାକୁ ସ୍ଥାନୀୟ କଳା ସଂସ୍କୃତି ମାଧ୍ୟମରେ ଲୋକାଭିମୁଖୀ କରାଇବା ପାଇଁ ଫେବୃଆରୀ ୨୧ ତାରିଖ ପର୍ଯ୍ୟନ୍ତ ପ୍ରତି ପଞ୍ଚାୟତରେ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ତେଣୁ ସରକାରଙ୍କ ଏହି ନିଷ୍ପତ୍ତିକୁ କିଭଳି ଠିକ୍ ଭାବେ କରାଯିବ ସେ ନେଇ ଆଲୋଚନା କରାଯାଇଥିଲା। ଯେଉଁମାନେ କାମ କରୁନାହାନ୍ତି ତାଙ୍କ ଉପରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଧାୟକ ରମେଶ ଚନ୍ଦ୍ର ବେହେରା କହିଥିଲେ।

ପ୍ରଥମେ ପାନୀୟ ଜଳ ଯୋଗାଣ ବିଷୟରେ ଆଲୋଚନା କରାଯାଇଥିଲା। ତେବେ ବ୍ଲକର କେଉଁ ପଞ୍ଚାୟତରେ କ'ଣ ସମସ୍ୟା ରହିଛି ଏବଂ ତାହାର ସମାଧାନ କରିବା ପାଇଁ ବିଭାଗ ପକ୍ଷରୁ କି ପଦକ୍ଷେପ ନିଆଯାଇଛି ସେ ବିଷୟରେ ତଥ୍ୟ ରଖିବା ପାଇଁ ବିଭାଗୀୟ ଯନ୍ତ୍ରୀଙ୍କୁ ବିଧାୟକ ବେହେରା କହିଥିଲେ। କିନ୍ତୁ ଯନ୍ତ୍ରୀ କୌଣସି ସନ୍ତୋଷଜନକ ଉତ୍ତର ଦେଇ ପାରି ନ ଥିଲେ। ହରିପୁର, ବେରୁହାଁବାରୀ, ବାହାଡାଖୋଲା, ସିଙ୍ଗାରପଲୀ ପଞ୍ଚାୟତର ଅନେକ ଗ୍ରାମରେ ପାନୀୟ ଜଳ ସମସ୍ୟା ରହିଥିବା ନେଇ ସ୍ଥାନୀୟ ଜନ ପ୍ରତିନିଧିମାନେ ଅସନ୍ତୋଷ ପ୍ରକାଶ କରିବା ସହ ବିଭିନ୍ନ ପ୍ରଶ୍ନ ପଚାରି ବିଭାଗୀୟ ଯନ୍ତ୍ରୀଙ୍କୁ ଘାଇଲା କରିଥିଲେ। ତେବେ ମିଟିଂକୁ ଆସିବା ପୂର୍ବରୁ ଠିକ୍ ତଥ୍ୟ ନେଇ ଆସ ବୋଲି ବିଧାୟକ ବେହେରା ଯନ୍ତ୍ରୀଙ୍କୁ କହିଥିଲେ। ସେହିଭଳି କାପ୍ତାପଲି ପଞ୍ଚାୟତ ବୁରୁଦେଇ ଗ୍ରାମବାସୀଙ୍କୁ ୨୮ଦିନ ଧରି ଗାଡ଼ି ଯୋଗେ ସରପଞ୍ଚ ପାନୀୟ ଜଳ ଯୋଗାଉଛନ୍ତି। ହେଲେ ତାଙ୍କୁ ପ୍ରାପ୍ୟ ଦିଆ ନ ଯିବା ଘଟଣାକୁ ନେଇ ବୈଠକରେ ଯନ୍ତ୍ରୀ ଓ ସରପଞ୍ଚଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଅର୍ପଣ ରଥ ବୁଲିବା ପାଇଁ ସରପଞ୍ଚମାନେ ଅର୍ଥ ବ୍ୟୟ କରିଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ସେମାନଙ୍କୁ ଟଙ୍କା କାହିଁକି ଦିଆଯାଇନାହିଁ ବୋଲି କାପ୍ତାପଲି ସରପଞ୍ଚ ସାରସଧର ସାହୁ ପ୍ରଶ୍ନ କରିଥିଲେ। ଉଦୟପୁର ପଞ୍ଚାୟତରେ କୌଣସି ବିକାଶମୂଳକ କାର୍ଯ୍ୟ ହେଉନାହିଁ। ମିଶନ ଶକ୍ତି ଗୃହ ନ ହେବାରୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଘରଭଡ଼ା ନେଇ କାର୍ଯ୍ୟ କରୁଛନ୍ତି। ଏପରିକି ରାସ୍ତା କାମ ଅଧପନ୍ତରିଆ ଭାବେ ପଡ଼ି ରହିଥିଲେ ମଧ୍ୟ କାମ ହେଉନି ବୋଲି ସରପଞ୍ଚ କହିଥିଲେ। ଯେଉଁ ଠିକାଦାର କାମ କରୁନାହାନ୍ତ ତାଙ୍କ ଉପରେ କଡା କାର୍ଯ୍ୟାନୁଷ୍ଠାନ ନିଅ, ସେକଥା ବୁଝିବି ବୋଲି ବିଧାୟକ ବେହେରା କହିଥିଲେ। ନୂଆଗାଁ ବ୍ଲକରେ ବର୍ତ୍ତମାନ ସୁଦ୍ଧା ୧୮ ଟି ଅଙ୍ଗନୱାଡି କେନ୍ଦ୍ରର ନିଜସ୍ୱ ଗୃହ ନାହିଁ ବୋଲି ସିଡିପିଓ ଶୁଭ୍ରକେଶୀ ମଲିକ ସଭାରେ ଜଣାଇଥିଲେ। ଚାଷୀମାନଙ୍କୁ ଦିଆଯାଉଥିବା ବିହନ ସାର ବାବଦରେ ଜନ ପ୍ରତିନିଧିମାନଙ୍କୁ ଜଣାଯାଉନାହିଁ। ତେବେ ଆସୁଥିବା ବିହନ କେଉଁ ଚାଷୀଙ୍କୁ ଦିଆଯାଉଛି ଓ ସେମାନେ କେଉଁଠାରେ ଚାଷ କରିଛନ୍ତି ତାହାର ତଦନ୍ତ କରାଯାଉ ବୋଲି ଜନ ପ୍ରତିନିଧିମାନେ କହିଥିଲେ। ବ୍ଲକ ଅଧକ୍ଷା ଲକ୍ଷ୍ମୀପ୍ରିୟା ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଦଶପଲା ବିଧାୟକ ବେହେରା, ୨ ଜିଲା ପରିଷଦ ସଭ୍ୟା, ଉପାଧ୍ୟକ୍ଷ ପର୍ଶୁରାମ ସ୍ୱାଇଁ, ସମିତି ସଭ୍ୟାସଭ୍ୟ, ସରପଞ୍ଚ ଓ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ।

## ନୀଳମାଧବଙ୍କୁ ଦର୍ଶନ କଲେ ବରଗଡ଼ ଧନୁଯାତ୍ରାର କଂସ ମହାରାଜା


ଶ୍ରୀନୀଳମାଧବ ଜୀଉଙ୍କ ଦର୍ଶନ ସାରି ଫେରୁଛନ୍ତି ବରଗଡ କଂସ ମହାରାଜା।

ଖଣ୍ଡପଡ଼ା,୨୯।୧ (ଅଜୟ କୁମାର ମହାରଣା)

ଶ୍ରୀଜଗନ୍ନାଥ ସଂସ୍କୃତିର ଆଦି ଦେବତା କଣ୍ଟିଲୋର ଶ୍ରୀନୀଳମାଧବ ଜୀଉଙ୍କୁ ସୋମବାର ବରଗଡ଼ର କଂସ ମହାରାଜା ଦର୍ଶନ କରି ପୂଜାର୍ଚ୍ଚନା କରିଛନ୍ତି। ପ୍ରସିଦ୍ଧ ବରଗଡ଼ ଧନୁଯାତ୍ରାରେ ଗତ ୧୧ଦିନ ବ୍ୟାପୀ କଂସ ମହାରାଜା ଭୂମିକାରେ ଅଭିନୟ କରୁଥିବା ହୃଷୀକେଶ ଭୋଇ କଂଟିଲୋ ଗସ୍ତରେ ଆସି ପ୍ରଭୁ ଶ୍ରୀନୀଳମାଧବ ଜୀଉଙ୍କୁ ଦର୍ଶନ କରିଥଲେ। ଏହି ଅବସରର ନୀଳମାଧବ ପୂଜକ ସମାଜ ସମ୍ପାଦକ ନୀଳମାଧବ ମିଶ୍ର, ପୂର୍ବତନ ସଭାପତି ନିହାର ରଞ୍ଜନ ମିଶ୍ର ଓ ଅନ୍ୟ ସେବାୟତ ଭୋଇଙ୍କୁ ସାକ୍ଷାତ କରିଥିଲେ। ବରଗଡ଼ରେ ଧନୁଯାତ୍ରା ସମୟରେ ଅଭିନୟ କରୁଥିବା ଭୋଇଙ୍କ କୌଣସି ତ୍ରୁଟିରୁ ମୁକ୍ତି ପାଇଁ ସେ ପୁରୀ ସମୁଦ୍ରରେ ସ୍ନାନ କରି ଶ୍ରୀଜଗନ୍ନାଥଙ୍କୁ ରବିବାର ଦର୍ଶନ କରିବା ପରେ ସୋମବାର ଶ୍ରୀନୀଳମାଧବ ଜୀଉଙ୍କୁ ଦର୍ଶନ କରି ନିଜକୁ ଧନ୍ୟ ମନେ କରିଛନ୍ତି। ଦର୍ଶନ ସମୟରେ ତାଙ୍କ ସ୍ତ୍ରୀ ଓ କେତେଜଣ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ। ସେବାୟତମାନଙ୍କ ଅନୁରୋଧ କ୍ରମେ ଭୋଇ ମହାରାଜ କଂସ ଭୂମିକାରେ ଅଭିନୟ ସମୟର ନିଜର ମହାମନ୍ତ୍ରୀଙ୍କୁ ଆଦେଶ ପ୍ରଦାନ କରୁଥିବା ଏକ ସଂଳାପ ଆବୃତ୍ତି କରିଥିଲେ। ତେବେ ସ୍ଥାନୀୟ ଅଞ୍ଚଳର ବହୁ ଜନସାଧାରଣ କଂସ ମହାରାଜାଙ୍କୁ ଦେଖିବାକୁ ସମାଗମ ହୋଇଥିଲେ।

## ବରପଲ୍ଲୀ କପ କ୍ରିକେଟ ଟୁର୍ନାମେଣ୍ଟ, ନୂଆଗାଁ ଚାମ୍ପିୟନ


ଅତିଥିଙ୍କ ଗହଣରେ ଚାମ୍ପିୟନ ଟିମ୍‌ର ଖେଳାଳି।

ଖଣ୍ଡପଡ଼ା,୨୯।୧ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ଅଧୀନ ରୟତଡୋଲମରା ପଞ୍ଚାୟତର ବରପଲ୍ଲୀ ଗ୍ରାମ କ୍ରୀଡାଙ୍ଗନରେ ମା' ତାରେଣୀ କ୍ରିକେଟ୍ ଆସୋସିଏଶନ ଆନୁକୂଲ୍ୟରେ ୭ ଦିନ ଧରି ଚାଲିଥିବା ୩୧ତମ ବରପଲ୍ଲୀ କପ କ୍ରିକେଟ ଟୁର୍ନାମେଣ୍ଟର ସୋମବାର ଫାଇନାଲ ମ୍ୟାଚ ହୋଇଥିଲା। ମ୍ୟାଚରେ ନୂଆଗାଁ କ୍ରିକେଟ୍ ଟିମ ୮୦ରନରେ ଟିକରପଡ଼ା ଟିମକୁ ପରାସ୍ତ କରି ଚଳିତ ବର୍ଷ ଚାମ୍ପିୟନ ହୋଇଛି। ଟସ୍ ଜିତି ନୂଆଗାଁ ଟିମ୍ ନିର୍ଦ୍ଧାରିତ ୨୦ ଓଭରରେ ୧୫୧ ରନ କରିଥିଲା। ଜବାବରେ ଟିକରପଡ଼ା ଟିମ୍ ସମସ୍ତ ଉଇକେଟ ହରାଇ ମାତ୍ର ୭୧ ରନ ସଂଗ୍ରହ କରିପାରିଥିଲା । ମ୍ୟାଚକୁ ପ୍ରଦୀପ ପ୍ରଧାନ ଓ ନରେଶ କୁମାର ସେଠୀ ପରିଚାଳନା କରିଥିଲେ। ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଖଣ୍ଡପଡ଼ା ବ୍ଲକ ଉପାଧ୍ୟକ୍ଷ ଶିଶିର କୁମାର ସାହୁ, ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭ୍ୟ ରାମେଶ୍ୱର ଶତପଥୀ, ରୟତ ଡୋଲମରା ପଞ୍ଚାୟତ ସରପଞ୍ଚ ମୁକୁତା ପରିଡା, ସମିତିସଭ୍ୟ ମାନସ ରଞ୍ଜନ ଦାସ, ସରପଞ୍ଚ ଚିନ୍ମୟ କୁମାର ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ସେମାନେ ଖେଳାଳି ଓ ଆୟୋଜକଙ୍କୁ ଉତ୍ସାହିତ କରିବା ସହ ଚାମ୍ପିୟନ ଟିମ୍‌କୁ ୧୦ ହଜାର ସହ ଟ୍ରଫି ଓ ରନର୍ସ ଅପ ଟିମ୍‌କୁ ୫ ହଜାର ଟଙ୍କା ସହ କପ ପ୍ରଦାନ କରିଥିଲେ। ମା' ତାରିଣୀ କ୍ରିକେଟ ଆସୋସିଏଶନର ସମସ୍ତ ସଦସ୍ୟ ଓ ସ୍ୱେଚ୍ଛାସେବୀ ଟୁର୍ନାମେଣ୍ଟ ପରିଚାଳନା କରିଥିଲେ।

## ମାର୍ଚ୍ଚ ୧ରୁ ସପ୍ତାହ ବ୍ୟାପୀ ନାଟ୍ୟ ମେଳା

ନୟାଗଡ଼,୨୯।୧(ଲୋକନାଥ ମିଶ୍ର)

ନୟାଗଡ଼ର ନାଟ୍ୟସଂସ୍ଥା 'ନାଟ୍ୟଧାରା' ଏବଂ ଜିଲା ସଂସ୍କୃତି ପରିଷଦଙ୍କ ମିଳିତ ଆନୁକୂଲ୍ୟରେ ବିଗତ ବର୍ଷମାନଙ୍କ ଭଳି ଚଳିତବର୍ଷ ମାର୍ଚ୍ଚ ୧ ଠାରୁ ୦୭ ମାର୍ଚ୍ଚ ଦୀର୍ଘ ୭ ଦିନ ବ୍ୟାପି ରାଜ୍ୟସ୍ତରୀୟ ନାଟ୍ୟମେଳା ପଠାଣି ସାମନ୍ତ ଅଡିଟୋରିୟମଠାରେ ଅନୁଷ୍ଠିତ ହେବ। ବିଗତ ୩ ବର୍ଷ ନାଟକୋତ୍ସବର ସଫଳତା ତଥା ଦର୍ଶକୀୟ ଆଦୃତିକୁ ଆଧାର କରି ଚଳିତ ବର୍ଷ ନାଟ୍ୟମେଳା ଆୟୋଜନ ନିମନ୍ତେ ପ୍ରସ୍ତାବ ରଖାଯାଇଛି। ଏ ନେଇ ନୟାଗଡ଼ ସାମ୍ବାଦିକ ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ନାଟ୍ୟଧରା ନାଟ୍ୟନୁଷ୍ଠାନର ସଭାପତି ସସାମାଜିକ କର୍ମୀ ପ୍ରମୋଦ ପଟ୍ଟନାୟକ, ନାଟ୍ୟଭୂଷଣ ବିଜୟ କୁମାର ଚୌଧୁରୀ ଓ ସମ୍ପାଦକ ଲକ୍ଷ୍ମୀଧର ମହାପାତ୍ର ଯୋଗଦେଇ ସୂଚନା ଦେଇଛନ୍ତି। ଅନ୍ୟପକ୍ଷେ ଚଳିତବର୍ଷ ଭୁବନେଶ୍ୱର, ବାରିପଦା, ସମ୍ବଲପୁର, କଟକ ଏବଂ ଅନୁଗୋଳ ପ୍ରଭୃତି ସ୍ଥାନର ନାଟ୍ୟାନୁଷ୍ଠାନ ସହ ନାଟକ ମଞ୍ଚସ୍ଥ ନିମନ୍ତେ ଯୋଗାଯୋଗ କରାଯାଇଛି। ପ୍ରତ୍ୟହ ସନ୍ଧ୍ୟା ସାଢେ ୭ଟାରେ ଆରମ୍ଭ ହେବାକୁ ଥିବା ନାଟକଗୁଡିକ ଥିଏଟର ଶୈଳୀରେ ପ୍ରଦର୍ଶିତ ହୋଇ ସର୍ବାଧିକ ଦୁଇ ଘଣ୍ଟା ଅବଧି ମଧ୍ୟରେ ପରିସମାପ୍ତ ହେବ। ନାଟକ ସମୂହ ସାମ୍ପ୍ରତିକ ସମାଜ ଭିତ୍ତିକ ହୋଇ ଦର୍ଶକୀୟ ଆଦୃତି ଲାଭ କରିବ ବୋଲି ଆଶା କରାଯାଉଛି।

## ଖଣ୍ଡପଡ଼ା ବ୍ଲକରେ ଜିଲାପାଳଙ୍କ ଜନଶୁଣାଣି ଶିବିର

ଖଣ୍ଡପଡ଼ା,୨୯।୧ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ସମ୍ମିଳନୀ କକ୍ଷରେ ଜିଲାପାଳଙ୍କ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ନୟାଗଡ଼ ଜିଲାପାଳ ରବୀନ୍ଦ୍ର ନାଥ ସାହୁ, ଜିଲା ପ୍ରଶାସନର ବରିଷ୍ଠ ଅଧିକାରୀ, ଖଣ୍ଡପଡ଼ା ଏସ୍‌ଡିପିଓ ବିମଳ କୁମାର ବାରିକ ଓ ବିଭିନ୍ନ ବିଭାଗର ମୁଖ୍ୟ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗ ଶୁଣିଥିଲେ। ଖଣ୍ଡପଡ଼ା ବ୍ଲକ ଅଧୀନ ୨୨ ଟି ପଞ୍ଚାୟତର ଜନସାଧାରଣଙ୍କଠାରୁ ସର୍ବମୋଟ ୧୬୭ଟି ଅଭିଯୋଗପତ୍ର ଗ୍ରହଣ କରାଯାଇଥିଲା। ୧୦୪ଟି ବ୍ୟକ୍ତିଗତ, ୩ଟି ଗ୍ରାମ ବିବାଦ ଓ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ପ୍ରାପ୍ତି ସମ୍ପର୍କୀତ ୬୦ ଟି ଅଭିଯୋଗ ଉପରେ ପ୍ରଶାସନିକ ଅଧିକାରୀମାନେ ତର୍ଜମା କରିଥିଲେ। ଜିଲାପାଳଙ୍କ ତତ୍ତ୍ୱାବଧାନର ୮୮ଟି ମାମଲାର ସମାଧାନ କରାଯାଇଛି। ବଳକା ଅଭିଯୋଗ ପ୍ରତି ଖଣ୍ଡପଡ଼ା ବିଡିଓ ଓ ବିଭିନ୍ନ ବିଭାଗର ମୁଖ୍ୟମାନେ ଦୃଷ୍ଟି ଦେଇ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜିଲାପାଳ ସାହୁ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଖଣ୍ଡପଡ଼ା ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ନିରଞ୍ଜନ କୁମାର ଧଳ, ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ. ଅଭିଷାର ପଣ୍ଡା, ତହସିଲଦାର ଧୋବେଇ ନାଏକଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ବ୍ଲକ ପ୍ରଶାସନର ସମସ୍ତ କର୍ମଚାରୀ ଶିବିର ପରିଚାଳନାରେ ସହଯୋଗ କରିଥିଲେ।


ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି ଜିଲାପାଳ ରବୀନ୍ଦ୍ର ନାଥ ସାହୁ ଓ ଅନ୍ୟ ଅଧିକାରୀ।

## ଅବସର ପରେ ନୟାଗଡ ଜିଲାପାଳଙ୍କୁ ପୁନଃ ନିଯୁକ୍ତି

**ନିର୍ବାଚନ କମିଶନଙ୍କ ସଚିବ ଭାବେ କାର୍ଯ୍ୟ କରିବେ**

ନୟାଗଡ଼,୨୯।୧(ଲୋକନାଥ ମିଶ୍ର)

ନୟାଗଡ଼ ଜିଲାପାଳ ରବୀନ୍ଦ୍ର ନାଥ ସାହୁ ଜାନୁଆରୀ ୩୧ରେ ଅବସର ଗ୍ରହଣ କରିବାକୁ ଯାଉଛନ୍ତି। ତେବେ ରାଜ୍ୟ ସରକାର ନୟାଗଡ଼ ଜିଲାପାଳଙ୍କୁ ପୁନଃ ନିଯୁକ୍ତି ଦେଇଛନ୍ତି। ଫେବୃଆରୀ ୧ରୁ ନିର୍ବାଚନ କମିଶନଙ୍କ ସଚିବ ଭାବେ କାମ କରିବାକୁ ସରକାର ପୁନଃ ନିଯୁକ୍ତି ପ୍ରଦାନ କରିଛନ୍ତି । ଏ ସମ୍ପର୍କରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ଡିସେମ୍ବର ୨୯ରେ ପ୍ରକାଶ ପାଇଛି ବୋଲି ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୁରେନ୍ଦ୍ର କୁମାର ସାହୁ ସୂଚନା ଦେଇଛନ୍ତି।

## ସାହିତ୍ୟ, ଜଗନ୍ନାଥ ସଂସ୍କୃତି ଭିତ୍ତିକ ପ୍ରତିଯୋଗିତା

**ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ**

ରଣପୁର,୨୯।୧ (ସୁକାନ୍ତ କିଶୋର ଡ଼ାକୁଆ)

ନୂଆ ଓ ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅନର୍ଗତ ଓଡ଼ିଆ ଭାଷା ସାହିତ୍ୟ ଓ ଜଗନ୍ନାଥ ସଂସ୍କୃତି ଆଧାରିତ ବୌଦ୍ଧିକ କାର୍ଯ୍ୟକ୍ରମ ସୋମବାର ନୟାଗଡ଼ ଜିଲ୍ଲା ରଣପୁର ମା' ମଣିନାଗ ଦୁର୍ଗା ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟାଳୟର ଅଧକ୍ଷାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ବିଜୟ କୁମାର ଜେନା, ମୁଖ୍ୟ ବକ୍ତା ବିରଞ୍ଚି ନାରାୟଣ ତ୍ରିପାଠୀ ଏବଂ ସମ୍ମାନିତ ଅତିଥି ଭାବେ ଡ଼. କଳ୍ପନା ରଥ ମଞ୍ଚାସୀନ ହୋଇ ଭାଷା ସାହିତ୍ୟ ଓ ଜଗନ୍ନାଥ ଚେତନା ଉପରେ ସାରଗର୍ଭକ ଉଦବୋଧନ ଦେଇଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ନୋଡାଲ ଅଫିସର ଅଧାପିକା ନୀଳିମା ନନ୍ଦ ସଂଯୋଜନା କରିଥିଲେ। ଏହି ଅବସରରେ ପ୍ରତିଯୋଗିତା ଗୁଡ଼ିକରେ କୃତୀ ପ୍ରତିଯୋଗୀ ଛାତ୍ରୀମାନଙ୍କୁ ପୁରସ୍କାର ଓ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ସେମାନଙ୍କ ମଧ୍ୟରେ ସୁମିତା ଖିଲୋ, ବର୍ଷାରାଣୀ ବେହେରା ଓ ସନ୍ଧ୍ୟାରାଣୀ ବାରିକ ଙ୍କ ସମେତ ସମୁଦାୟ ୪୫ଜଣ ଛାତ୍ରୀଙ୍କୁ ପୁରସ୍କାର କରାଯାଇଥିଲା। ବିଦ୍ୟାଳୟର ସମସ୍ତ ଅଧାପିକାଅଧାପକ ଓ ସହକର୍ମୀମାନଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ବିଦ୍ୟାଳୟରେ ୫ ଦିନ ଧରି ଚାଲିଥିଲା। ଶେଷରେ ଅଧକ୍ଷା ଡ. ସୁକାନ୍ତି ଦେବୀ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ।


ଅତିଥିଙ୍କ ଗହଣରେ ପୁରସ୍କୃତ କୃତୀ ପ୍ରତିଯୋଗୀ।

# ଖଣ୍ଡପଡ଼ାକୁ ସବ୍‌ଡିଭିଜନ ମାନ୍ୟତା ଦାବି

ଖଣ୍ଡପଡ଼ା,୨୯।୧(ଅଜୟ କୁମାର ମହାରଣା)




ଖଣ୍ଡପଡା ପଞ୍ଚାୟତକୁ ୧୯୮୯ ଅଗଷ୍ଟ ୧୪ରେ ରାଜ୍ୟ ସରକାର ବିଜ୍ଞାପିତ ଅଞ୍ଚଳର ମାନ୍ୟତା ପ୍ରଦାନ କରିଥିଲେ। ଅଞ୍ଚଳର ସାମଗ୍ରୀକ ବିକାଶ ଦିଗରେ ବିଭିନ୍ନ ସ୍ତରରେ ଉଦ୍ୟମ ଜାରି ରହିଥିଲେ ହେଁ ଏବେ ବି ଦୀପତଳ ଅନ୍ଧାର ପରି ପଠାଣି ସାମନ୍ତ ଜନ୍ମଭୂମି ଖଣ୍ଡପଡ଼ା ବିକାଶର ବହୁ ପଛରେ ରହିଛି। ରାଜନୈତିକ ଇଚ୍ଛାଶକ୍ତିର ଘୋର ଅଭାବ ସହ ପ୍ରଶାସନିକ ସ୍ଥାଣୁତା ଯୋଗୁ ଖଣ୍ଡପଡ଼ା ଏକ ସହରାଞ୍ଚଳ ମାନ୍ୟତା ପାଇଥିଲେ ହେଁ ଲୋକଙ୍କ ସମସ୍ୟା ବହୁ ପରିମାଣରେ ବୃଦ୍ଧି ପାଇଛି। ଏଠାରେ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ସମେତ କ୍ଷୁଦ୍ର ଜଳସେଚନ ବିଭାଗ, ବିଦ୍ୟୁତ୍ ବିଭାଗ, ଆରକ୍ଷୀ ଉପଅଧୀକ୍ଷକଙ୍କ କାର୍ଯ୍ୟାଳୟ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ସହକାରୀ ଦୌରାଜଜ୍ଙ୍କ ଅଦାଲତ ସହ ବ୍ଲକ ଓ ତହସିଲ କାର୍ଯ୍ୟାଳୟ ଆଦି କାର୍ଯ୍ୟ କରୁଛି। ବ୍ଲକରେ ୪ଟି ମହାବିଦ୍ୟାଳୟ ରହିଛି। ଖଣ୍ଡପଡ଼ା ପୋଲିସ ଆରକ୍ଷୀ ଉପ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ଅଧୀନରେ ଖଣ୍ଡପଡ଼ା, ଫତେଗଡ଼, ଦଶପଲ୍ଲା ଓ ଗଣିଆ ଆଦି ୪ଟି ଥାନା ସହ ୫ଟି ଫାଣ୍ଡି କାର୍ଯ୍ୟ କରୁଛି। ଏତଦ୍‌ବ୍ୟତୀତ ୮ଟିରୁ ଉର୍ଦ୍ଧ୍ୱ ଜାତୀୟକରଣ ବ୍ୟାଙ୍କର ଶାଖା କାର୍ଯ୍ୟ କରୁଛି। ପୂର୍ତ୍ତ ବିଭାଗ ଓ ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଓ ଗ୍ରାମ୍ୟ ଜଳଯୋଗାଣ ପରିମଳ ବିଭାଗର ସହକାରୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ରହିଛି। ସିଧାମୂଳାଠାରେ ମହାନଦୀ ସେତୁ ନିର୍ମାଣ ହେବା ପରେ ପଶ୍ଚିମ ଓଡ଼ିଶା ସହ ଦକ୍ଷିଣ ଓଡ଼ିଶାର ସମ୍ପର୍କ ସଡ଼କ ପଥରେ ଯଥେଷ୍ଟ ବୃଦ୍ଧି ପାଇଛି। ଉକ୍ତ ରାସ୍ତା ଖଣ୍ଡପଡ଼ା ଦେଇ ଯାଇଥିବାରୁ ବାଣିଜ୍ୟ ଓ ଯାତାୟତ କ୍ଷେତ୍ରରେ ଅନେକ ସୁବିଧା ଆଣି ପାରିଛି। ଏଠାରୁ ୧୩ କି.ମି. ଦୂରରେ ପୁରାଣ ପ୍ରସିଦ୍ଧ ନୀଳମାଧବଙ୍କ କ୍ଷେତ୍ର ଅବସ୍ଥିତ। ଦୈନିକ ବହୁ ଦୂର ଦୂରାନ୍ତରୁ ପର୍ଯ୍ୟଟକଙ୍କ ସମାଗମ ଲାଗି ରହିଥାଏ। ବନ ବିଭାଗ ପକ୍ଷରୁ ସିଧାମୂଳା ଗୋକୁଳାନନ୍ଦ ଜୀଉଙ୍କ ପୀଠରେ ଏକ ଯୁକୋ ଟୁରିଜିମ ଓ ପ୍ରାକୃତିକ ପରିପାଟୀ ମଧ୍ୟରେ ପାନ୍ଥ ନିବାସ ଏବଂ ସହରାଞ୍ଚଳରେ ବିଶ୍ୱ ପ୍ରସିଦ୍ଧ ଜ୍ୟୋତିର୍ବିଜ୍ଞାନୀ ପଠାଣି ସାମନ୍ତଙ୍କର ଏକ ମିୟୁଜିୟମ ନିର୍ମାଣ ହେବା ଦ୍ୱାରା ପ୍ରତ୍ୟେହ ରାଜ୍ୟ ଓ ବାହାରୁ ବହୁ ପର୍ଯ୍ୟଟକ ଆସିଥାନ୍ତି। ପ୍ରତ୍ୟେହ ବିଭିନ୍ନ ସରକାରୀ କାର୍ଯ୍ୟରେ ଶତାଧିକ ଲୋକ ବହୁ କାର୍ଯ୍ୟରେ ଖଣ୍ଡପଡ଼ାକୁ ମଧ୍ୟ ଆସିଥାନ୍ତି। ଏହାଛଡ଼ା ଖଣ୍ଡପଡ଼ାକୁ ରାଜସ୍ୱ ସବ୍‌ଡିଭିଜନ ମାନ୍ୟତା ଦେବା ନିମନ୍ତେ ଅଞ୍ଚଳବାସୀ ଦୀର୍ଘଦିନ ଧରି ଦାବି କରି ଆସୁଥିଲେ ଏହା ସମ୍ଭବ ହୋଇପାରିନାହିଁ। ଖଣ୍ଡପଡ଼ା ଓ ଭାପୁର ତହସିଲକୁ ନେଇ ଖଣ୍ଡପଡ଼ା ସବ୍‌ଡିଭିଜନ ମାନ୍ୟତା ପାଇଲେ ଅଞ୍ଚଳବାସୀ ବହୁ ସୁବିଧା ମିଳିବା ସହ ଖଣ୍ଡପଡ଼ା ଅଞ୍ଚଳର ଆର୍ଥିକ ମାନଦଣ୍ଡର ବିକାଶ ହୋଇପାରିବ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଉଛି। ଏ ସମ୍ପର୍କରେ ପୂର୍ବତନ ଉପ ବାଚସ୍ପତି ବିଭୁତି ଭୂଷଣ ସିଂ ମର୍ଦ୍ଦରାଜ କହିଛନ୍ତି, ଖଣ୍ଡପଡ଼ାକୁ ସବ୍ ଡିଭିଜନର ମାନ୍ୟତା ପାଇଁ ପ୍ରଥମରୁ ଦାବି କରି ଆସୁଛି। ବିଭିନ୍ନ ସମୟରେ ଏ ସମ୍ପର୍କରେ ବାରମ୍ବାର ବିଧାନସଭାରେ ଦାବି ଉପସ୍ଥାପିତ କରିଥିଲି। ୨୦୧୪ରୁ ୨୦୧୯ ମଧ୍ୟରେ ତତ୍କାଳୀନ ବିଧାୟକ ସିଦ୍ଧାର୍ଥ ଶେଖର ସିଂ ମଧ୍ୟ ବିଧାନ ସଭାରେ ଦାବି କରିଥିଲେ। ସରକାର ମଧ୍ୟ ଏ ଦିଗରେ ଆବଶ୍ୟକ ପ୍ରସେସିଂ ସମ୍ପନ୍ନ କରିଥିଲେ। ଖଣ୍ଡପଡ଼ାରେ ଏ ସମ୍ପର୍କୀତ ଏକ ସାଧାରଣ ସଭା କରାଯାଇଥିଲା। ସବ୍‌ଡିଭିଜନ ମାନ୍ୟତା ପାଇବା ପାଇଁ ଏଠାରେ ସମସ୍ତ ଭିତ୍ତିଭୂମି ରହିଛି। ଖଣ୍ଡପଡ଼ା ଜନସାଧାରଣଙ୍କ ସମୂହ ସ୍ୱାର୍ଥ ଦୃଷ୍ଟିରୁ ମୁଖ୍ୟମନ୍ତ୍ରୀ ଏହାର ସୁବିଚାର କରିବା ପାଇଁ ନିବେଦନ କରୁଛି। ରାଜ୍ୟ ଭାଜପା ଯୁବମୋର୍ଚ୍ଚା ସଭାପତି ଅଭିଳାଷ ପଣ୍ଡା କହିଛନ୍ତି, ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀରେ ରହିଛି ବିଶ୍ୱ ପ୍ରସିଦ୍ଧ ଜ୍ୟୋତିର୍ବିଦ ପଠାଣୀ ସାମନ୍ତଙ୍କ ଜନ୍ମସ୍ଥଳୀ, ଜଗନ୍ନାଥ ସଂସ୍କୃତିର ଆଦିପୀଠ ଭାବେ ପରିଚିତ କଣ୍ଟିଲୋର ଶ୍ରୀନୀଳମାଧବ ପୀଠ ଏବଂ ଆଖପାଖ ଅଞ୍ଚଳରେ ଅନେକ ପର୍ଯ୍ୟଟନ କ୍ଷେତ୍ର ରହିଛି। ରାଜ୍ୟ ସରକାର ଜିଲା ପୁନର୍ଗଠନ କରିବାର ପ୍ରାୟ ୩୪ବର୍ଷ ବିତିଲାଣି। ମାତ୍ର ଉପଖଣ୍ଡ ପୁନର୍ଗଠନ ପ୍ରକ୍ରିୟା ଅଦ୍ୟାବଧି ହୋଇପାରିଲାନାହିଁ। ଜିଲା ପ୍ରଶାସନ ସାଙ୍ଗରେ ଉପଯୁକ୍ତ ତାଳମେଳ ରଖି ଖଣ୍ଡପଡ଼ାକୁ ଅଧିକ ଦୃଷ୍ଟି ଦେବା ସହ ଏହାର ସର୍ବାଙ୍ଗୀନ ବିକାଶ ଦିଗରେ କାର୍ଯ୍ୟ କରିବାକୁ ହେଲେ ଖଣ୍ଡପଡ଼ା ସବ୍ ଡିଭିଜନର ମାନ୍ୟତା ପାଇବା ପାଇଁ ଅଧିକ ଯଥାର୍ଥତା ରହିଛି। ଅବସରପ୍ରାପ୍ତ ପ୍ରାଧ୍ୟାପକ ବଳରାମ ପଣ୍ଡା କହିଛନ୍ତି, ରାଜକୀୟ ଶାସନ କାଳରୁ ଅଧୁନା ଯୁଗର ପ୍ରଜାତନ୍ତ୍ର ଶାସନରେ ସାମାଜିକ, ଆଧାତ୍ମିକ ଓ ମୌଳିକ ଦୃଷ୍ଟି କୋଣରୁ ନୟାଗଡ଼ ଜିଲାର ଖଣ୍ଡପଡ଼ା ଏକ ଅନନ୍ୟ ଅଞ୍ଚଳ। ପ୍ରଖର ପ୍ରଜ୍ଞା, ପାଣ୍ଡିତ୍ୟ ଓ ଜ୍ୟୋର୍ତିଶାସ୍ତ୍ରରେ ସ୍ୱତନ୍ତ୍ର ସ୍ଥାନ ହାସଲ କରିଥିବା ପଠାଣି ସାମନ୍ତଙ୍କ ମାଟି ଏବଂ ପ୍ରଭୁ ଜଗନ୍ନାଥଙ୍କ ଆଦି ପୀଠ ନୀଳମାଧବଙ୍କ ମନ୍ଦିର କଣ୍ଟିଲୋର ମହତ୍ୱ ବିଶ୍ୱ ପ୍ରସିଦ୍ଧ। ଆଜିର ଗଣତାନ୍ତ୍ରିକ ବିକେନ୍ଦ୍ରିକରଣ ବ୍ୟବସ୍ଥାରେ ପ୍ରଶାସନ ନାଗରିକଙ୍କ ଭାଗଦାରିତାରେ ବିଶ୍ୱାସ ରଖେ। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଖଣ୍ଡପଡ଼ାକୁ ଏକ ଉପଖଣ୍ଡର ମାନ୍ୟତା ପ୍ରଦାନ କଲେ ଲୋକଙ୍କ ପାଖରେ ପ୍ରଶାସନ ନିକଟତର ହେବ।

# ଅବହେଳିତ ଥାଲାସେମିଆ ଶିଶୁ ରୋଗୀ

## ପ୍ରମାଣପତ୍ର ମିଳିବାରେ ଭପୁଜୁଛି ସମସ୍ୟା

**ଯାଜପୁର,୨୯।୧(ହର୍ଷବର୍ଦ୍ଧନ ବେହେରା)**

ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟର ଶିଶୁ ବିଭାଗ ୱାର୍ଡରେ ରକ୍ତଜନିତ ରୋଗ ଥାଲାସେମିଆ, ସିକିଲ୍ ସେ୍‌ଲ ଓ ହିମୋଫେଲିଆ ରୋଗୀମାନେ ଉପଯୁକ୍ତ ଚିକିତ୍ସା ନ ପାଇ ନିରାଶ ହେଉଛନ୍ତି। ଏହି ମର୍ମରେ ଯାଜପୁର ଜିଲା ଥାଲାସେମିଆ ସିକିଲସେଲ୍ ଏନିମିଆ ୱେଲ୍‌ଫେୟାର ସୋସାଇଟିର ସମ୍ପାଦକ ପରମାନନ୍ଦ ନାୟକ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ନିକଟରେ ଅଭିଯୋଗ କରିଛନ୍ତି।

ଅଭିଯୋଗ ଅନୁସାରେ, ଶିଶୁମାନଙ୍କ ଅସ୍ଥିମଜ୍ଜାରେ ଲୋହିତ ରକ୍ତ କଣିକା ସୃଷ୍ଟି ହେଉ ନ ଥିବାରୁ ଜୀବନ ବଞ୍ଚାଇବାକୁ ନିୟମିତ ରକ୍ତ ଗ୍ରହଣ କରିଆସୁଛନ୍ତି। ଶତକଡ଼ା ୭୫ ଭାଗ ଶିଶୁ ଗରିବ ଶ୍ରେଣୀର। ସେମାନଙ୍କୁ ଗୋଟିଏ ରକ୍ତ ନେବା ପାଇଁ ରେଡ୍‌କ୍ରସ ରକ୍ତଭଣ୍ଡାରକୁ ୨ ଶହ ଟଙ୍କା ଦେୟ ଓ ମେଡିକାଲ ଯିବା ଆସିବା ଖର୍ଚ୍ଚ ବହନ କରିବା ସମ୍ଭବପର ହେଉ ନ ଥିଲା। ଫଳରେ ସେମାନଙ୍କର ଜୀବନ ବଞ୍ଚାଇବା ଅସମ୍ଭବ ହେଉଥିଲା। ଏପରି ସଂକଟାପନ୍ନ ଶିଶୁମାନଙ୍କ ଜୀବନ ବଞ୍ଚାଇବା ପାଇଁ ଯାଜପୁର ଜିଲାର କେତେଜଣ ଅବସରପ୍ରାପ୍ତ ବରିଷ୍ଠ ଶିଶୁ ବିଶେଷଜ୍ଞ, ଭେଷଜ ବିଶେଷଜ୍ଞ, କର୍ଣ୍ଣ, ନାସା, ଗଳା, ଚକ୍ଷୁ ବିଶେଷଜ୍ଞ, ବରିଷ୍ଠ ସାମ୍ବାଦିକ, ସାମାଜିକ କର୍ମୀ ଏବଂ ସରକାରୀ ପଦାଧିକାରୀ ଯଥା ଅତିରିକ୍ତ ଜିଲା ମାଜିଷ୍ଟ୍ରେଟ୍, ଜିଲା ମୁଖ୍ୟ ଚିକିତ୍ସାଧିକାରୀ, ରେଡ୍‌କ୍ରସ୍ ରକ୍ତଭଣ୍ଡାର ଅଧିକାରୀ ପ୍ରମୁଖ ୧୫ ଜଣ ସଦସ୍ୟଙ୍କ ଉଦ୍ୟମରେ ୨୦୦୬ରେ ଥାଲାସେମିଆ ସିକିଲସେଲ୍ ଏନିମିଆ ୱେଲ୍‌ଫେୟାର ସୋସାଇଟି ଗଠନ କରାଯାଇଥିଲା।


ଯାଜପୁର ରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧୀନ ଥାଲାସେମିଆରେ ଆକ୍ରାନ୍ତ ପିଲାମାନେ।

ଗରିବ ଶ୍ରେଣୀର ରୋଗୀମାନଙ୍କର ରକ୍ତଗ୍ରହଣ କରିବା ଖର୍ଚ୍ଚ, ରୋଗୀ ଚିହ୍ନଟ, ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ମାଗଣା ରକ୍ତ ପରୀକ୍ଷା, ରକ୍ତ ବିଶେଷଜ୍ଞ ଡାକ୍ତରଙ୍କ ଦ୍ୱାରା ସେମାନଙ୍କ ଚିକିତ୍ସା ବ୍ୟବସ୍ଥା ବାବଦରେ ସମସ୍ତ ଖର୍ଚ୍ଚ ୨୦୦୬ଠାରୁ ସୋସାଇଟିର ସଦସ୍ୟଙ୍କ ଅନୁଦାନରେ ପରିଚାଳିତ ହୋଇଆସୁଛି। ପ୍ରତିବର୍ଷ ବିଶ୍ୱ ଥାଲାସେମିଆ ଦିବସ, ସ୍ୱାଧୀନତା ଦିବସ, ଉତ୍କଳ ଦିବସରେ ସ୍ୱତନ୍ତ୍ର ସଚେତନତା କାର୍ଯ୍ୟକ୍ରମ ଗ୍ରହଣ କରାଯାଇଥାଏ। ୨୦୧୭ ଜୁନ୍ ୧୫ ଭାରତ ସରକାରଙ୍କ ଗେଜେଟ୍ ନୋଟିଫିକେଶନ ଅନୁଯାୟୀ ଥାଲାସେମିଆ, ସିକିଲ ସେଲ୍ ଓ ହିମୋଫେଲିଆ ରୋଗୀମାନଙ୍କୁ ପ୍ରମାଣପତ୍ର ଦେବାକୁ ଜିଲା ମେଡିକାଲ ବୋର୍ଡରେ ଶିଶୁ ବିଭାଗ କିମ୍ବା ମେଡିସିନ ବିଭାଗ ଡାକ୍ତରଙ୍କୁ ଜଣେ ସଦସ୍ୟଭାବେ ନିୟୋଜିତ କରାଯାଇଛି। କିନ୍ତୁ ଯାଜପୁର ଜିଲା ସ୍ୱାସ୍ଥ୍ୟ ବିଭାଗରେ ଏହାର ଓଲଟା ହେଉଛି। ଶିଶୁ ବିଭାଗ ଡାକ୍ତରଙ୍କୁ ମେଡିକାଲ ବୋର୍ଡରେ ନିୟୋଜିତ କରିବା ପରିବର୍ତ୍ତେ ମେଡିସିନ ବିଭାଗର ଡାକ୍ତର ନିୟୋଜିତ ଅଛନ୍ତି। ୧୭ ବର୍ଷ ହେବ ସମସ୍ତ ରକ୍ତ ଜନିତ ଶିଶୁ ରୋଗୀମାନେ ଜିଲା ମୁଖ୍ୟ ଚିକିତ୍ସାଳୟର ଶିଶୁ ବିଭାଗ ଆଉଟ୍‌ଡୋର ଓ ଇନ୍‌ଡୋର ସ୍ୱତନ୍ତ୍ର ୱାର୍ଡରେ ଚିକିତ୍ସିତ ହେଉଛନ୍ତି। ରକ୍ତହୀନତା ଶିଶୁମାନଙ୍କୁ ନିୟମିତ ଚିକିତ୍ସା କରୁଥିବା ଶିଶୁ ଡାକ୍ତର ଅଭିଜ୍ଞ। କିନ୍ତୁ ମେଡିକାଲ ବୋର୍ଡରେ ମେଡିସିନ ବିଶେଷଜ୍ଞ ଡାକ୍ତରଙ୍କୁ ନିୟୋଜିତ କରାଯିବା ଫଳରେ ଶିଶୁ ରୋଗୀଙ୍କୁ ଠିକ୍ ପ୍ରମାଣପତ୍ର ମିଳୁନାହିଁ। ବିଭିନ୍ନ ଆଳ ଦେଖାଇ ନିରୀହ ଶିଶୁମାନଙ୍କୁ ଫେରାଇ ଦିଆଯାଉଛି। କେତେଜଣ ଶିଶୁ ରୋଗୀଙ୍କୁ ଅସ୍ଥାୟୀ ପ୍ରମାଣପତ୍ର ଦିଆଯାଉଛି। ଯାଜପୁର ପୌରାଞ୍ଚଳର ଦାଣ୍ଡସୁନ୍ଦରପୁର ଗ୍ରାମର ସୌମ୍ୟଜିତ ସାହୁଙ୍କୁ ଏଠାରେ ଉଦାହରଣ ଭାବେ ନିଆଯାଇପାରେ। ସେ ୩ ବର୍ଷ ହେବ ଥାଲାସେମିଆ ରୋଗରେ ଆକ୍ରାନ୍ତ ହୋଇ କଟକ ଶିଶୁଭବନ, କଟକ ମେଡିକାଲ ରକ୍ତ ବିଭାଗ ଓ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟ ଶିଶୁ ବିଭାଗରେ ଚିକିତ୍ସାଧୀନ ଥାଇ ୩୮ଟି ରକ୍ତ ଗ୍ରହଣ କରିସାରିଛନ୍ତି। ଏହାସତ୍ତ୍ୱେ ସେ ପ୍ରମାଣପତ୍ର ପାଇଁ ବାରମ୍ବାର ମେଡିକାଲ ବୋର୍ଡରୁ ନିରାଶ ହୋଇ ଫେରିଯାଉଛନ୍ତି। ପୂର୍ବରୁ ବିଭାଗୀୟ କର୍ତ୍ତୃପକ୍ଷ ତାଙ୍କୁ ପ୍ରମାଣପତ୍ର ଦେବାକୁ ପ୍ରତିଶ୍ରୁତି ଦେଉଛନ୍ତି। କିନ୍ତୁ ଇତିମଧ୍ୟରେ ୩ଟି ମେଡିକାଲ ବୋର୍ଡ ବୈଠକ ଅନୁଷ୍ଠିତ ହୋଇସାରିଥିଲେ ହେଁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଏହି ମର୍ମରେ ଥାଲାସେମିଆ ସୋସାଇଟିର ସମ୍ପାଦକ ୩।୧୧।୨୦୨୨ରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଶାସନ ସଚିବଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତେବେ କୌଣସି ସୁଫଳ ନ ମିଳିବାରୁ ୫।୯।୨୦୨୩ରେ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ନିବେଦନ କରିଥିଲେ। ତଥାପି କୌଣସି ସୁଫଳ ନ ମିଳିବାରୁ ଶେଷରେ ୫-ଟି ଅଧ୍ୟକ୍ଷଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି। ଏ ସଂକ୍ରାନ୍ତରେ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଧିକାରୀ(ସିଡିଏମ୍‌ଓ) ଶିବାଶିଷ ମହାରଣାଙ୍କୁ ପଚାରିବାରୁ ସେ କହିଛନ୍ତି, ସେଭଳି ଅଭିଯୋଗ ଏଯାଏ ପାଇ ନାହାନ୍ତି। ଶିଶୁ ରୋଗୀମାନଙ୍କୁ ସମସ୍ତ କ୍ଷେତ୍ରରେ ଉପଯୁକ୍ତ ଚିକିତ୍ସା ପ୍ରଦାନ କରାଯାଉଛି। ଥାଲାସେମିଆ ରୋଗୀମାନେ ମଧ୍ୟ ସହଜରେ ରକ୍ତ ପାଉଛନ୍ତି। ଏଥିରେ କୌଣସି ପ୍ରକାର ଅବହେଳା କରାଯାଉନାହିଁ।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଦେବାଶିଷ


@ ସୁଦୀପ୍ତା


@ ରଶ୍ମିତା


@ ଦୀପ୍ତିରଞ୍ଜନ


@ ସ୍ମିତା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଅନ୍ତରାଙ୍କ ଗୀତରେ ଝୁମିଲେ ଦର୍ଶକ


ମହୋତ୍ସବର ତୃତୀୟ ସନ୍ଧ୍ୟାରେ କୃତୀ ପ୍ରତିଯୋଗୀମାନଙ୍କୁ ଟ୍ରଫି ପ୍ରଦାନ କରାଯାଉଛି।

**କଳିଙ୍ଗନଗର,୨୯।୧(ଶୁଭାଶିଷ ରାଉତ )**

## କଳିଙ୍ଗନଗର ମହୋତ୍ସବର ତୃତୀୟ ସନ୍ଧ୍ୟା

କଳିଙ୍ଗନଗର ମହୋତ୍ସବର ତୃତୀୟ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସସ୍ମିତା ମଣ୍ଡଳ। ସେ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଏହି ଅବସରରେ ଦାନଗଦି ବିଡିଓ ସାରଦା ପ୍ରସନ୍ନ ପଣ୍ଡା ଓ ଦାନଗଦି ବ୍ଲକ ଉପାଧ୍ୟକ୍ଷ ଅଜୟ କୁମାର ବିନ୍ଧାଣୀ ଅନ୍ୟତମ ଅତିଥି ଭାବେ ଉପସ୍ଥିତ ରହିଥିଲେ। ସୋମବାର କଳିଙ୍ଗନଗର ମହୋତ୍ସବର ତୃତୀୟ ସନ୍ଧ୍ୟାରେ ଅନେକ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଓଡ଼ିଆ ଚଳଚ୍ଚିତ୍ର ଅଭିନେତ୍ରୀ ଏଲିନା ସାମନ୍ତରାୟ ଆଜି ମଞ୍ଚର ମୁଖ୍ୟ ଆକର୍ଷଣ ସାଜିଥିଲେ। ତାଙ୍କ ଅଭିନୟ ଦର୍ଶକଙ୍କ ମନକୁ ଛୁଇଁଥିଲା। ଓଡ଼ିଆ ଫିଲ୍ମ ଓ ଆଲବମ ଜଗତର ଚର୍ଚ୍ଚିତ ଗାୟିକା ଅନ୍ତରା ଚକ୍ରବର୍ତ୍ତୀଙ୍କ ସୁମଧୁର କଣ୍ଠସ୍ୱର ଦର୍ଶକଙ୍କୁ ବାନ୍ଧି ରଖିଥିଲା। ଅନ୍ତରାଙ୍କ ଟ୍ରାକ୍ ସଙ୍ଗୀତ ବେଶ ମନଛୁଆଁ ହୋଇଥିଲା। ୟୁଟ୍ୟୁବ କମେଡିଆନ ଟୁକୁନା ଷ୍ଟାଇଲିସ ଉପସ୍ଥିତ ଦର୍ଶକମାନଙ୍କୁ ଖୁବ୍ ହସାଇଥିଲେ। ଅମ୍ଭି ଡ୍ୟାନ୍ସ ଗ୍ରୁପର କଳାକାର ମାନେ ଗ୍ରୁପ ଡ୍ୟାନ୍ସ ପରିବେଷଣ କରିଥିଲେ। ରାଜଗାଙ୍ଗପୁରରୁ ଆସିଥିବା ମୟୂରୀ ଆଦିବାସୀ ନୃତ୍ୟ ଦଳର ସମ୍ବଲପୁରୀ ନୃତ୍ୟ ଦର୍ଶକଙ୍କୁ ଆମୋଦିତ କରିଥିଲା। ଏହି ମଞ୍ଚରେ ଡୁବୁରୀ କପିଳେଶ୍ୱର ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ସମ୍ବଲପୁରୀ ଓ ଦେଶାତ୍ମବୋଧକ ନୃତ୍ୟ ପରିବେଷଣ କରିଥିଲେ। କଳା ପରିବେଷଣ କରିଥିବା ଛାତ୍ରୀଛାତ୍ରମାନଙ୍କୁ ମଞ୍ଚରେ ସମ୍ବର୍ଦ୍ଧିତ କରାଯାଇଥିଲା।

# ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନାରେ ଅନିୟମିତତା ଅଭିଯୋଗ

**ଯାଜପୁର,୨୯।୧(ହର୍ଷବର୍ଦ୍ଧନ ବେହେରା)**

## ହାଇକୋର୍ଟଙ୍କ ଦ୍ୱାରସ୍ଥ ହେଲେ ୱାର୍ଡ ସଭ୍ୟାସଭ୍ୟ

ଯାଜପୁର ଜିଲା ବରୀ ବ୍ଲକ ଅରଙ୍ଗାବାଦ ପଞ୍ଚାୟତର ରଜାପୁର ଓ ଫୁଲପୁର ପାଇଁ ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନାରେ ଆବଣ୍ଟିତ ଅର୍ଥର ବ୍ୟାପକ ଅନିୟମିତତା ହେଉଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ପଞ୍ଚାୟତର କେତେଜଣ ୱାର୍ଡ ସଭ୍ୟାସଭ୍ୟ ବିଡିଓ ଏବଂ ଜିଲାପାଳଙ୍କୁ ଅଭିଯୋଗ କରି ନିରାଶ ହେବା ପରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗ ଅନୁସାରେ, ଅରଙ୍ଗାବାଦ ସରପଞ୍ଚ ବିଭିନ୍ନ ଯୋଜନାରେ ୱାର୍ଡ ସଭ୍ୟାସଭ୍ୟମାନଙ୍କଠାରୁ ଜବରଦସ୍ତ ଦସ୍ତଖତ ନେଉଛନ୍ତି। ଦସ୍ତଖତ ନ ଦେଲେ ସଭ୍ୟପଦ ରଦ୍ଦ କରି ଦିଆଯିବ ବୋଲି ଧମକ ଦେଉଛନ୍ତି। ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନାରେ ନିୟମ ଅନୁସାରେ ପଲ୍ଲିସଭା କରି ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ଚୂଡ଼ାନ୍ତ କରିବା କଥା। କିନ୍ତୁ କୌଣସି ୱାର୍ଡ ସଭ୍ୟାସଭ୍ୟଙ୍କୁ ନ ଜଣାଇ ୧.୩୫ କୋଟି ଟଙ୍କାର ପ୍ରକଳ୍ପ ଚୂଡ଼ାନ୍ତ ହୋଇସାରିଛି। ସେଥିମଧ୍ୟରୁ ୮୦ ଲକ୍ଷ ଟଙ୍କା ମୂଲ୍ୟର ପ୍ରକଳ୍ପଗୁଡ଼ିକୁ ମଞ୍ଜୁରୀ ମିଳିସାରିଛି। କାଗଜ କଲମରେ ସମସ୍ତ ପଲ୍ଲିସଭା କରାଯାଇ ପ୍ରକଳ୍ପଗୁଡିକୁ ଅନୁମୋଦନ ଦିଆଯାଇଛି। ସରପଞ୍ଚ ତାଙ୍କ ନିଜ ୱାର୍ଡରେ ଅଧିକରୁ ଅଧିକ ଉନ୍ନତିମୂଳକ କାର୍ଯ୍ୟ କରୁଛନ୍ତି। ନିର୍ବାହୀ ଅଧିକାରୀ ବିଜୟ ମଲ୍ଲିକଙ୍କୁ ବଦଳି କରାଯାଇଛି। କିନ୍ତୁ ରାଜନୈତିକ ଚାପ ପ୍ରୟୋଗ କରି ତାଙ୍କ ବଦଳି ରଦ୍ଦ କରିବାକୁ ଉଦ୍ୟମ ହେଉଛି। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ଶ୍ରମିକମାନଙ୍କୁ ନିୟୋଜନ ନ କରି ମେଶିନରେ କାମ ହେଉଛି। ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟର ପାଚେରି କାମ ୧ ବର୍ଷ ତଳେ ହୋଇଥିଲା। ତାହାକୁ ଭଙ୍ଗା ଯାଇ ନୂତନ କାର୍ଯ୍ୟ ନିମ୍ନମାନର କରାଯାଉଛି ବୋଲି ଅଭିଯୋଗ ଦର୍ଶାଯାଇଛି।

# ବିରଜା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଯାଜପୁର ଟାଉନ,୨୯।୧ (ପ୍ରଯୁକ୍ତା ପ୍ରିୟଦର୍ଶନୀ ମହାନ୍ତି) :**

ଯାଜପୁର ପୌରପାଳିକା ଅଧୀନ ବିରଜା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶନିବାର ପ୍ରଧାନଶିକ୍ଷକ କିଶୋର ଚନ୍ଦ୍ର ମଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ଯାଜପୁର ବିଧାୟକଙ୍କ ପ୍ରତିନିଧି କର୍ଣ୍ଣାଟକେଶରୀ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଅଭିଭାବକମାନଙ୍କୁ ପିଲାମାନଙ୍କ ଭବିଷ୍ୟତ ଗଢ଼ିବା ପାଇଁ ଉଦ୍‌ବୋଧନ ଦେଇଥିଲେ। ମା'ବାପା, ଗୁରୁ ଓ ଗୁରୁଜନଙ୍କୁ ଉପଯୁକ୍ତ ସମ୍ମାନ ଦେବାପାଇଁ ପିଲାମାନଙ୍କୁ ପରାମର୍ଶ ଦେଇଥିଲେ। ମୁଖ୍ୟ ବକ୍ତାଭାବେ ଅବସରପ୍ରାପ୍ତ ବରିଷ୍ଠ ଅଧ୍ୟାପକ ଦାମୋଦର ବେହେରା ଯୋଗଦାନ କରି ପିଲାମାନଙ୍କ ଅନ୍ତର୍ନିହିତ ଗୁଣାବଳୀର ସ୍ଫୁଟନ ପାଇଁ ଅଭିଭାବକ ଓ ଶିକ୍ଷୟିତ୍ରୀ,ଶିକ୍ଷକମାନେ ସହାୟକ ହୁଅନ୍ତୁ ବୋଲି ପରାମର୍ଶ ଦେଇଥିଲେ। ସମ୍ମାନୀତ ଅତିଥିଭାବେ ଦଶରଥପୁର ବ୍ଲକ ଶିକ୍ଷାଧିକାରୀ ଅନ୍ନଦା ପ୍ରସାଦ ରଣା, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଶଶଧର ସିଂ, ଯାଜପୁର ଜିଲା ସ୍କୁଲର ପ୍ରଧାନ ଶିକ୍ଷକ ଆଲୋକ କୁମାର ବନ୍ଧ, ରାଜ୍ୟପାଳ ଓ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ବିଶ୍ୱମ୍ଭର ମିଶ୍ର, ପୂର୍ବତନ କାଉନସିଲର ଜଗନ୍ନାଥ ସାହୁ, ପରିଚାଳନା କମିଟିର ସଭାପତି, ଦେବାଶିଷ ମହାନ୍ତି ଯୋଗଦାନ କରି ପିଲାମାନେ ଭାଗବତ, ମହାଭାରତ, ଗୀତା ପଠନ, ଗାନ୍ଧୀ ଓ ଗୋପବନ୍ଧୁଙ୍କ ପରି ମହାମାନବମାନଙ୍କର ଜୀବନୀ ପାଠ କରିବାକୁ କହିଥିଲେ। ଉକ୍ତ ଉତ୍ସବରେ ମେମୋରିଆଲ ପୁରସ୍କାର, କ୍ରୀଡ଼ା ପୁରସ୍କାର, ସୃଜନଶୀଳ ମେଧା ପୁରସ୍କାର ସହିତ ସାଂସ୍କୃତିକ ପୁରସ୍କାର ପ୍ରଦାନ କରାଯାଇ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରାଯାଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଛାତ୍ରୀମାନଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା। ଶିକ୍ଷକ ଅମୀୟ କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।


ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି

# ଧର୍ମଶାଳା ମହାବିଦ୍ୟାଳୟରେ ଓଡ଼ିଶା ଦକ୍ଷତା ନିରୂପଣ କାର୍ଯ୍ୟକ୍ରମ


ଧର୍ମଶାଳା କଲେଜ ଅଧ୍ୟକ୍ଷ ଅଧ୍ୟାପକ ଦକ୍ଷତା ନିରୂପଣ କାର୍ଯ୍ୟକ୍ରମ ତଦାରଖ କରୁଛନ୍ତି।

**ଧର୍ମଶାଳା,୨୯।୧(ବଟକୃଷ୍ଣ ପରିଡ଼ା)**

ଧର୍ମଶାଳା ମହାବିଦ୍ୟାଳୟରେ ନୂଆ-ଓ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସୋମବାର ଦିନ ଦକ୍ଷତା ନିରୂପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଧାପକ ଜୟନ୍ତ କୁମାର ସାହୁ ଉଦ୍‌ଘାଟନ କରି ସୂଚନା ପ୍ରଦାନ ସହ ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ। ବିଶ୍ୱ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଓ ଜଗନ୍ନାଥ ଚେତନା ଉପରେ ମତବ୍ୟକ୍ତ କରିଥିଲେ। ଯୁକ୍ତ ୨ ଓ ଯୁକ୍ତ ୩ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ହସ୍ତାକ୍ଷର, ବକ୍ତୃତା,କୁଇଜ, ଭଜନ, ସଙ୍ଗୀତ ଆଦି ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଚାରକ ଭାବେ ସଂଯୋଜକ ପ୍ରଧାପକ ଅରବିନ୍ଦ ମହାନ୍ତି, ଡ. ଅଭିନ୍ନ ଚନ୍ଦ୍ର ଦାଶ, ଡ. ଆଶିଷ କୁମାର ଦାଶ, ଡ.ବସନ୍ତ କୁମାର ତ୍ରିପାଠୀ, ଅଧାପକ ସନ୍ତୋଷ ସାମଲ, ଅଧାପିକା ସସ୍ମିତା ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଅନୁଷ୍ଠିତ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରମାନଙ୍କୁ ମଙ୍ଗଳବାର ମାନପତ୍ର ସହ ପୁରସ୍କାର ପ୍ରଦାନ କରାଯିବ ବୋଲି ଅଧ୍ୟକ୍ଷ ସାହୁ ସୂଚନା ଦେଇଛନ୍ତି।

# ରାଜରାସ୍ତାକୁ ଓହ୍ଲାଇଲେ ଅଙ୍ଗନୱାଡ଼ି, ଆଶାକର୍ମୀ

## ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ

**ଯାଜପୁର ଟାଉନ,୨୯।୧ (ପ୍ରଯୁକ୍ତା ପ୍ରିୟଦର୍ଶନୀ ମହାନ୍ତି) :**

ଓଡ଼ିଶା ଅଙ୍ଗନୱାଡି ୱାର୍କସ ଓ ଆଶାକର୍ମୀ ଆସୋସିଏଶନ୍ (ସିଆଇଟିୟୁ) ପକ୍ଷରୁ ସୋମବାର ଜିଲାପାଳଙ୍କୁ ୧୦ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଦାବିପତ୍ରରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅଧୀନରେ ଅଙ୍ଗନୱାଡି , ଆଶାକର୍ମୀ, ମଧ୍ୟାହ୍ନଭୋଜନ କର୍ମୀ, ଜୀବିକା ମିଶନ ଓ ମିଶନଶକ୍ତି କର୍ମୀମାନେ ସ୍କିମ୍ ଶ୍ରମିକ ଭାବେ କାର୍ଯ୍ୟ କରୁଛନ୍ତି। ସେମାନଙ୍କୁ ସ୍ଥାୟୀ ଶ୍ରମିକର ମାନ୍ୟତା ପ୍ରଦାନ କରିବା ସହ ଆଗାମୀ ବିଧାନସଭା ବଜେଟରେ ଶିକ୍ଷା, ସ୍ୱାସ୍ଥ୍ୟ, ମିଶନଶକ୍ତି ଓ ମହିଳା ଶିଶୁ ବିକାଶ ବିଭାଗର ଅଧିକ ବ୍ୟୟବରାଦ କରିବା ପାଇଁ ଅନୁରୋଧ କରାଯାଇଛି। ସମସ୍ତ ସ୍କିମ୍ ଶ୍ରମିକମାନଙ୍କୁ ସ୍ଥାୟୀ କରିବା ସହ ସରକାରୀ କର୍ମଚାରୀ ଭଳି ସମାନ ସୁବିଧା ସୁଯୋଗ ପ୍ରଦାନ କରିବା, ଯେତେ ଦିନ ପର୍ଯ୍ୟନ୍ତ ସ୍କିମ ଶ୍ରମିକଙ୍କୁ ସ୍ଥାୟୀ କରାଯାଇନାହିଁ ସେ ପର୍ଯ୍ୟନ୍ତ ୪୫ତମ ଭାରତୀୟ ଶ୍ରମ ସମ୍ମିଳନୀର



ଅଙ୍ଗନୱାଡି ଆଶାକର୍ମୀମାନେ ଧାରଣାରେ ବସିଛନ୍ତି।

ସୁପାରିଶ ଅନୁସାରେ ମାସିକ ୨୬ହଜାର ଟଙ୍କା ବେତନ ଓ ୧୦ ହଜାର ଟଙ୍କା ମାସିକ ପେନସନ୍ ବ୍ୟବସ୍ଥା କରାଯିବା, ସମସ୍ତ କେନ୍ଦ୍ରୀୟ ସ୍କିମ୍‌ରେ କାମ କରୁଥିବା ଶ୍ରମିକମାନଙ୍କ କାର୍ଯ୍ୟକ୍ଷେତ୍ରରେ ସଂସ୍କାର ଆଣିବା ପାଇଁ ସ୍କିମ୍ ଶ୍ରମିକ ପେ କମିଶନ୍ ଗଠନ କରାଯିବା, ଅଙ୍ଗନୱାଡି କର୍ମୀମାନଙ୍କୁ ସୁପ୍ରିମ୍ କୋର୍ଟ ନିର୍ଦ୍ଦେଶ ଅନୁଯାଇ ଗ୍ରାଚ୍ୟୁଟି ପ୍ରଦାନ କରିବା, ଦେଶରେ କାର୍ଯ୍ୟରତ ସମସ୍ତ ଅଙ୍ଗନୱାଡି , ଆଶା, ପାଚିକା ଓ ଏନ.ଏଲ,ଏମ୍ (ଓ.ଏଲ.ଏମ୍) ରେ କାର୍ଯ୍ୟ କରୁଥିବା ସମସ୍ତ ଶ୍ରମିକମାନଙ୍କ ପାଇଁ ଏକପ୍ରକାର କାର୍ଯ୍ୟଶୈଳୀ ବ୍ୟବସ୍ଥା କରାଯିବା, ସମସ୍ତ ସ୍କିମ୍ ଶ୍ରମିକ ମାନଙ୍କ ପାଇଁ ସମାନ କର୍ମୀ ଆଇନ୍ ପ୍ରସ୍ତୁତ , ସମସ୍ତ ସ୍କିମ୍‌ରେ ଘରୋଇ କରଣ ଓ ଏନ୍‌ଜିଓ କରଣକୁ ବନ୍ଦ କରାଯିବା, ଜାତୀୟ ଶିକ୍ଷାନୀତି ୨୦୨୦ ଓ ଡିଜିଟାଲ୍ ହେଲ୍‌ଥ ମିଶନ କୁ ପ୍ରତ୍ୟାହାର କରାଯିବା, ୪ଟି ଶ୍ରମ କୋର୍ଡକୁ ପ୍ରତ୍ୟାହାର କରାଯିବା, ସ୍କିମ୍ ଶ୍ରମିକମାନଙ୍କୁ ଲେବର ଲ ରେ ସଂପୃକ୍ତ କରାଯିବା ଓ ଅଙ୍ଗନୱାଡି ଆଶାକର୍ମୀମାନଙ୍କୁ ୩ୟ ଶ୍ରେଣୀର କର୍ମଚାରୀ ଓ ମଧ୍ୟାହ୍ନଭୋଜନ କର୍ମୀଚାରୀଙ୍କୁ ୪ର୍ଥ କର୍ମଚାରୀ ମାନ୍ୟତା ପ୍ରଦାନ କରିବା ଆଦି ୧୦ଦଫା ଦାବି କରି ଓଡ଼ିଶା ଅଙ୍ଗନୱାଡି ୱାର୍କସ ଏବଂ ହେଲପର୍ ଆସୋସିଏଶନ୍, ଓଡ଼ିଶା ଆଶାକର୍ମୀ ଆସୋସିଏଶନ୍ ଓ ଓଡ଼ିଶା ମଧ୍ୟାହ୍ନ ଭୋଜନ ପାଚିକା ଓ ସହାୟିକା ସଂଘ ପକ୍ଷରୁ ଜିଲାପାଳଙ୍କୁ ଦାବୀପତ୍ର ପ୍ରଦାନ କରାଯାଇଛି।

## ସଂକ୍ଷେପରେ

### ଦେହ ବ୍ୟବସାୟ ଧରାପଡ଼ିଲା: ୫ ଯୁବତୀ ଉଦ୍ଧାର

ପାରାଦୀପ,୨୯।୧(ଶରତ ରାଉତ)

ଦେହ ବ୍ୟବସାୟ ଚାଲିବା ଅଭିଯୋଗରେ ପାରାଦୀପ ଲକ୍‌ଥାନା ଅନ୍ତର୍ଗତ ଏକ କଲୋନୀରେ ସୋମବାର ରାତିରେ ପୋଲିସ ଚଢ଼ାଉ କରି ସେଠାକାର ଏକ ଘରୁ ୫ ଜଣ ଯୁବତୀଙ୍କୁ ଉଦ୍ଧାର କରିଛି। ସେମାନେ ପଶ୍ଚିମବଙ୍ଗ ଓ ବାଲେଶ୍ୱର ଅଞ୍ଚଳର ବୋଲି ଜଣାପଡ଼ିଛି। ସେଠାରୁ କିଛି ଆପତ୍ତିଜନକ ସାମଗ୍ରୀ ପୋଲିସ ଜବତ କରିଛି। ଏନେଇ ସମ୍ପୃକ୍ତ ଯୁବତୀଙ୍କ ସମେତ ଘର ଭିତରେ ଥିବା ଯୁବକମାନଙ୍କୁ ପଚରାଉଚୁରା କରାଯାଉଛି। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଚଢ଼ାଉ ଜାରି ରହିଥିବାରୁ ପୋଲିସ ସବିଶେଷ ସୂଚନା ଦେଇନାହିଁ। ସୂଚନାଯୋଗ୍ୟ, ମାସେ ତଳେ ପାରାଦୀପ ଆଦର୍ଶ ଥାନା ଅଞ୍ଚଳର ଏକ ଅଟ୍ଟାଳିକା ମଧ୍ୟରେ ଏଭଳି ଦେହ ବ୍ୟବସାୟ ଚାଲିଥିବା ଅଭିଯୋଗ ହୋଇଥିଲା। ଏହି ଆଧାରରେ ପୋଲିସ ସେଠାରେ ପହଞ୍ଚିବା ବେଳକୁ ସମସ୍ତ ଅଭିଯୁକ୍ତ ଫେରାର ହୋଇଯାଇଥିଲେ।

### ଯୁଗ୍ମ ଜନଅଭିଯୋଗ ଶୁଣାଣି: ୨୭ ଅଭିଯୋଗ ପଞ୍ଜୀକୃତ

ନାଉଗାଁ,୨୯।୧(ସୁଧା ବେହୁରା)

ନାଉଗାଁ ବ୍ଲକ ଜ୍ୟୋତି ଫେଡେରେଶନ ସମ୍ମିଳନୀ କକ୍ଷରେ ଜଗତ୍‌ସିଂହପୁର ଜିଲା ପ୍ରଶାସନ ଓ ନାଉଗାଁ ବ୍ଲକ ପ୍ରଶାସନ ପକ୍ଷରୁ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜିଲାପାଳ ପାରୁଲ ପଟାୱାରି ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ । ଶିବିରରେ ସମୁଦାୟ ୨୭ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିରୁ ଗ୍ରାମ୍ୟ ଓ ଗୋଷ୍ଠୀଗତ ସମସ୍ୟା ୩ ଓ ବ୍ୟକ୍ତିଗତ ସମସ୍ୟା ୨୪ଟି ଥିଲା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରାଶନ କାର୍ଡ ସମସ୍ୟା ସମ୍ପର୍କିତ ୨ଟି, ଆବାସ ଯୋଜନା ୪, ଜମିଜମା ସମସ୍ୟା ୩, ରେଡ୍‌କ୍ରସ ପାଣ୍ଠିରୁ ସହାୟତା ପାଇଁ ୨ ଏବଂ ଅନ୍ୟାନ୍ୟ ୮ଟି ଅଭିଯୋଗର ଶୁଣାଣି ହୋଇଥିଲା । ୫ଟି ଅଭିଯୋଗର ତତ୍କାଳ ଫଏସଲା ହୋଇଥିଲା। ଅନ୍ୟ ଅଭିଯୋଗଗୁଡ଼ିକର ସମାଧାନ କରାଯିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଅଭିଯୋଗ ମଧ୍ୟରେ ନବ ନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ରାଜ୍ୟ ସଭାପତି ଶେଷଦେବ ନନ୍ଦ, ଜିଲା ସହସମ୍ପାଦକ ଅଶୋକ ସ୍ୱାଇଁ, ନବକିଶୋର ମହାନ୍ତି, କୈଳାସ ପରିଡା ପ୍ରମୁଖ ଧାନ ମଣ୍ଡିରେ ଉପୁଜୁଥିବା ସମସ୍ୟା ସମ୍ବନ୍ଧରେ ଅଭିଯୋଗ କରିଥିଲେ। ସେହିପରି ଅନ୍ୟାନ୍ୟ ଅଭିଯୋଗ ହୋଇଥିଲା। ଏହି ମିଳିତ ଜନଅଭିଯୋଗ ଶୁଣାଣି ଶିବିରରେ ଜିଲାପାଳଙ୍କ ସହ ଏସ୍‌ପି ରାହୁଲ ପି. ଆର୍‌, ମୁଖ୍ୟ ବିକାଶ-ତଥା-ନିର୍ବାହୀ ଅଧିକାରୀ ଜିଲା ପରିଷଦ ରବିନାରାୟଣ ଜେଠୀ, ଉପଜିଲାପାଳ ପ୍ରଦୀପ କୁମାର ସାହୁ, ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ରଶ୍ମୀରଞ୍ଜନ ସାହୁ, ବିଡିଓ ତପନ କୁମାର ମହାପାତ୍ର, ତହସିଲଦାର ଏସ.କେ ସାଗିର, ନାଉଗାଁ ବ୍ଲକ ଅଧ୍ୟକ୍ଷା ତୃପ୍ତା ଲେଙ୍କାଙ୍କ ସହ ଜିଲା ଓ ବ୍ଲକସ୍ତରୀୟ ଅଧିକାରୀ ଓ କ୍ଷେତ୍ର ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗ ଶୁଣାଣି କରିଥିଲେ।

### ପାଲା ମାଧ୍ୟମରେ ସଚେତନତା

ତିର୍ତ୍ତୋଲ, ୨୯।୧ (ଗୌରାଙ୍ଗ ଚରଣ ସ୍ୱାଇଁ)

ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ତରଜଙ୍ଗା ପଞ୍ଚାୟତରେ ସୋମବାର ଆମ ଓଡ଼ିଶା ନବୀନ ଓଡ଼ିଶା ପଞ୍ଚାୟତ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପାଲା ମାଧ୍ୟମରେ ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ ଉପସ୍ଥିତ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। ସରପଞ୍ଚ ଗିତାଞ୍ଜଳି ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ବିଭିନ୍ନ ଏସ୍‌ଏଚ୍‌ଜି, ସ୍ୱାସ୍ଥ୍ୟ ବିଭାଗ, ଅଙ୍ଗନବାଡ଼ି ତରଫରୁ ଷ୍ଟଲ ଖୋଲା ଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସାମାଜିକ କର୍ମୀ ବିରଞ୍ଚି ନାରାୟଣ ମଲ୍ଲିକ, ପିଇଓ ସଚିନ କୁମାର ରାଉତ, ପଞ୍ଚାୟତର ନାଏବ ସରପଞ୍ଚ ଆଲେକଜାଣ୍ଡାର ସାହୁ, ସ୍ୱାସ୍ଥ୍ୟକର୍ମୀ ସୋନାଲି ମହାନ୍ତି, ଅଙ୍ଗନୱାଡି କର୍ମୀ କବିତା ସେଠୀ, ଖବରଦାତା ସୁଧାଂଶୁ ଶେଖର ପୃଷ୍ଟି, ଯୁବନେତା ସାରଦା ପ୍ରସାଦ ପୃଷ୍ଟି, ସୁବର୍ଣ୍ଣ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଲୋକମାନଙ୍କୁ ଅବଗତ କରାଯାଇଥିଲା। ଏଥିସହ ବିଦ୍ୟାଳୟସ୍ତରୀୟ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଏହାପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

# ସପ୍ତାହରେ ପଞ୍ଚାୟତ ସମିତି ବୈଠକ ନ ହେଲେ ଧାରଣା

କୁଜଙ୍ଗ,୨୯।୧ (ମନୋଜ ପ୍ରଧାନ)

ସରକାରଙ୍କ ନୀତି ନିୟମ ଓ ପଞ୍ଚାୟତିରାଜ ବ୍ୟବସ୍ଥାକୁ କୁଜଙ୍ଗ ବ୍ଲକ ପ୍ରଶାସନ ଉଲ୍ଲଂଘନ କରୁଥିବା ଅଭିଯୋଗକରି ସୋମବାର କୁଜଙ୍ଗ ବ୍ଲକ ସରପଞ୍ଚ ସଂଘ ପକ୍ଷରୁ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ସେଥିରେ ସେମାନେ ଉଲ୍ଲେଖ କରିଛନ୍ତି ଯେ, ଗତ ୨୦୨୩ ଏପ୍ରିଲ ୨୦ ପର୍ଯ୍ୟନ୍ତ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଥିଲା। ସେବେଠାରୁ ଅଦ୍ୟାବଧି ୮ମାସ ଅତିକ୍ରାନ୍ତ କରିଥିଲେ ବି ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇନାହିଁ। ପଞ୍ଚାୟତିରାଜ ବ୍ୟବସ୍ଥାନୁସାରେ ପ୍ରତି ୨ ମାସ ଅନ୍ତରରେ ବୈଠକ ଅନୁଷ୍ଠିତ ହେବାକଥା । ଯେଉଁଥିରେ ନିର୍ବାଚିତ ପଞ୍ଚାୟତ ପ୍ରତିନିଧିମାନେ ସେମାନଙ୍କ ପଞ୍ଚାୟତର ବିଭିନ୍ନ ସମସ୍ୟା ଉତ୍ଥାପନ କରିବା ସହ ତାହାର ସମାଧାନ ପାଇଁ ନିଷ୍ପତ୍ତି ହୋଇଥାଏ।

୨୦୨୨ ଫେବୃଆରୀରେ ନୂତନ ପଞ୍ଚାୟତ ସମିତି ଗଠନ ହୋଇଥିଲା। ଏହି ୨୨ମାସ ସମୟ ମଧ୍ୟରେ ଅତି


ବିଡିଓଙ୍କୁ ସରପଞ୍ଚମାନେ ଦାବିପତ୍ର ପ୍ରଦାନ କରୁଛନ୍ତି।

**ସରପଞ୍ଚ ସଂଘର ଚେତାବନୀ**

କମ୍‌ରେ ୮ଥର ବୈଠକ ବସିବା କଥା। ମାତ୍ର ଅଦ୍ୟାବଧି କୁଜଙ୍ଗ ପଞ୍ଚାୟତ ସମିତି ବୈଠକ କେବଳ ୩ ଥର ବସିଛି । ଏନେଇ ପୂର୍ବରୁ ସରପଞ୍ଚମାନେ ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଜାନୁଆରୀ ୨ରେ ନିର୍ଦ୍ଧାରିତ ସମୟରେ ହେଉନି ପଞ୍ଚାୟତ ସମିତି ବୈଠକ ଶୀର୍ଷକ ଖବର ଧରିତ୍ରୀରେ ପ୍ରକାଶ ପାଇଥିଲା । ଏହାସତ୍ତ୍ୱେ ପଞ୍ଚାୟତ ସମିତି ବୈଠକ ଡକା ନ ଯିବାରୁ ସୋମବାର କୁଜଙ୍ଗ ବ୍ଲକ ସରପଞ୍ଚ ସଂଘ ପକ୍ଷରୁ ଅସନ୍ତୋଷବ୍ୟକ୍ତ କରାଯାଇଛି। ଫେବୃଆରୀ ୪ତାରିଖ ପର୍ଯ୍ୟନ୍ତ ଅର୍ଥାତ ୭ଦିନ ମଧ୍ୟରେ ଯଦି ବୈଠକ ନ ବସେ ତେବେ ୫ ତାରିଖଠାରୁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ସରପଞ୍ଚ ସଂଘ ପକ୍ଷରୁ ଅନିର୍ଦ୍ଦିଷ୍ଟ କାଳପର୍ଯ୍ୟନ୍ତ ଧାରଣା ଦିଆଯିବ ବୋଲି ସରପଞ୍ଚ ସଂଘ ସଭାପତି ରୋହିତ ଜେନା ଚେତାବନୀ ଦେଇଛନ୍ତି । ଏନେଇ କୁଜଙ୍ଗ ବିଡିଓ ଦୀପକ ପ୍ରସାଦ ସ୍ୱାଇଁଙ୍କୁ ସୋମବାର ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ସମୟରେ କୁଜଙ୍ଗ ସରପଞ୍ଚ ବନ୍ଦିତା ଦାସ, ବାଗୋଇ ସରପଞ୍ଚ ପ୍ରଭାଞ୍ଜଳି ସେଠୀ, ସାଇଲୋ ସରପଞ୍ଚ ସରୋଜ କୁମାର ସେଠୀ, ଫତେପୁର ସରପଞ୍ଚ ସିଦ୍ଧାର୍ଥ ପ୍ରଧାନ, ବଗଦିଆ ସରପଞ୍ଚ ମଞ୍ଜୁଲତା ବେହେରା, ମହ୍ଲାସାହି ସରପଞ୍ଚ ଧ୍ରୁବଚରଣ ନାୟକ, ଜିଲାନାସି ସରପଞ୍ଚ ନଳିନୀ ପ୍ରଭା ପରିଡା, ପଙ୍କପାଳ ସରପଞ୍ଚ ସରୋଜ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଘଟଣାକୁ ନେଇ ବିଡିଓଙ୍କ ମତାମତ ପାଇଁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଟେଲିଫୋନ ଉଠାଇ ନ ଥିଲେ।

# ଜିତୁନ୍‌ଙ୍କୁ ୨୦ ବର୍ଷ ଜେଲ ଦଣ୍ଡାଦେଶ

**୨୦୧୯ରେ ନାବାଳିକାଙ୍କୁ ଅପହରଣ, ବଳାତ୍କାର ମାମଲା**

ଜଗତ୍‌ସିଂହପୁର, ୨୯।୧ (ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ଜିଲା ଏରସମା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ୨୦୧୯ରେ ଅପହରଣ କରି ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଥିଲା। ଏନେଇ ତାଙ୍କ ବାପାଙ୍କ ଅଭିଯୋଗ ଆଧାରରେ ଥାନାରେ ମାମଲା (ନଂ.୧୩୮/୧୯) ରୁଜୁ ହୋଇଥିଲା। ସୋମବାର ଏହି ମାମଲାର ରାୟ ପ୍ରକାଶ ପାଇଛି। ଜଗତ୍‌ସିଂହପୁର ଫାଷ୍ଟଟ୍ରାକ୍ କୋର୍ଟ (ପୋକ୍ସୋ) ବିଚାରପତି ଅଜୟ କୁମାର ମହାନ୍ତି ଏହାର ବିଚାର କରି ଏହି ଥାନା ଅନ୍ତର୍ଗତ ଗୋଡ଼ା ଗ୍ରାମର ଜିତେନ୍ କୁମାର କାଣ୍ଡି ଓରଫ ଜିତୁନ୍‌ଙ୍କୁ ୨୦ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୨୦ ହଜାର ଟଙ୍କା ଜରିମାନା ଧାର୍ଯ୍ୟ କରିଛନ୍ତି। ଏହି ରାଶି ଅନାଦେୟ ହେଲେ ଅଧିକ ୪ ମାସ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ ଅଛି। ଏଥିସହ ପୀଡ଼ିତାଙ୍କୁ କ୍ଷତିପୂରଣ ବାବଦରେ ୪ ଲକ୍ଷ ଟଙ୍କା ସହାୟତା ରାଶି ଯୋଗାଇଦେବାକୁ ଜିଲା ଆଇନ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରିଥିବା ଓକିଲ ଦୋଳଗୋବିନ୍ଦ ଦାସ ସୂଚନା ଦେଇଛନ୍ତି। ସେ କହିଛନ୍ତି, ୧୦।୯।୧୯ରେ ଏହି ଅଭାବନୀୟ ଘଟଣା ଘଟିଥିଲା। ୧୫ବର୍ଷୀୟା ନାବାଳିକା ଖୁଦୁରୁକୁଣୀ ମେଢ ଭସାଣି ଦେଖିବାକୁ ଯାଇଥିବା ବେଳେ ଜିତୁନ୍ ତାଙ୍କୁ ଅପହରଣ କରି ବେଙ୍ଗାଲୁରୁ ନେଇଯାଇଥିଲେ। ସେଠାରେ ୧୫ଦିନ ରଖି ବଳାତ୍କାର କରିଥିଲେ। ଏ ସମ୍ପର୍କରେ ୧୧।୯।୧୯ରେ ଥାନାରେ ଅଭିଯୋଗ ହୋଇଥିଲା। ଏହାପରେ ପୋଲିସ ଖୋଳତାଡ଼ କରି ଉଭୟ ନାବାଳିକା ଓ ଜିତୁନ୍‌ଙ୍କୁ କଟକ ରେଳଷ୍ଟେଶନରୁ ଧରିଥିଲା। ଏହି ମାମଲାରେ ୧୮ଜଣ ସାକ୍ଷୀଙ୍କ ବୟାନକୁ ବିଚାର କରି ବିଚାରପତି ଉପରୋକ୍ତ ରାୟ ଶୁଣାଇଛନ୍ତି।

# ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀଙ୍କ କଳା ବ୍ୟାଜ ପରିଧାନ


ଏବିଡିଓମାନେ ବୈଠକରେ କଳାବ୍ୟାଜ୍ ପରିଧାନ କରିଛନ୍ତି।

ବାଲିକୁଦା,୨୯।୧(ତାପସ ସ୍ୱାଇଁ)

ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ବିଭାଗରେ କାର୍ଯ୍ୟରତ ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀଙ୍କ ପଦୋନ୍ନତି ହେଉ ନ ଥିବା ଅଭିଯୋଗ କରି ରାଜ୍ୟବାପୀ ଆନ୍ଦୋଳନ କରିବାକୁ ଏବିଡିଓମାନେ ନିଷ୍ପତ୍ତି ନେଇଛନ୍ତି। ଏହି ପରିପ୍ରେକ୍ଷୀରେ ୭ ଦିନ ପାଇଁ କଳା ବ୍ୟାଜ୍ ପରିଧାନ କରି ନିଜର କାର୍ଯ୍ୟ ସମ୍ପାଦନ କରିବାକୁ ସେମାନେ ସ୍ଥିର କରିଛନ୍ତି। ଏନେଇ ରାଜ୍ୟ ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ସଂଘ ଉପସଭାପତି ତଥା ବାଲିକୁଦା ବ୍ଲକର ଏବିଡିଓ ସଞ୍ଜୟ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଜଗତସିଂହପୁର ଜିଲାର କାର୍ଯ୍ୟରତ ୮ ବ୍ଲକର ୭ ଜଣ ଅଧିକାରୀଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି।

ଏଥିସହ ମୁଖ୍ୟମନ୍ତ୍ରୀ,୫-ଟି ଅଧ୍ୟକ୍ଷ, ମୁଖ୍ୟ ଶାସନ ସଚିବ, ଓଡିଶା ସରକାରଙ୍କୁ ଦାବି ପ୍ରଦାନ କରାଯାଇଛି। ଯଦି ଆଗାମୀ ଦିନରେ ଏହି ଦାବି ପୂରଣ କରା ନ ଯାଏ ତେବେ ରାଜ୍ୟ ସଂଘ କଲମ ଛାଡ଼ ଆନ୍ଦୋଳନ କରିବା ସହ ଦାବି ପୂରଣ ପାଇଁ ରାଜରାସ୍ତାକୁ ଓହ୍ଲାଇ ପ୍ରତିବାଦ କରିବ ବୋଲି ବୈଠକରେ ଚେତାବନୀ ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ତିର୍ତ୍ତୋଲ ବ୍ଲକର ସତ୍ୟଜିତ ସ୍ୱାଇଁ, ଜଗତ୍‌ସିଂହପୁର ବ୍ଲକ ଅଜୟ ବେହେରା, ନାଉଗାଁ ବ୍ଲକ ଦେବେନ୍ଦ୍ର ପ୍ରଧାନ,ଏରସମା ବ୍ଲକ ଜ୍ଞାନ ରଞ୍ଜନ ଲେଙ୍କା,ରଘୁନାଥପୁର ବ୍ଲକ ଜ୍ଞାନଦା ନାୟକ, କୁଜଙ୍ଗ ବ୍ଲକ ପ୍ରଶାନ୍ତ ରାଉତ ପ୍ରମୁଖ ଏବଡିଓ ଉପସ୍ଥିତ ଥିଲେ।

### ସେମିଫାଇନାଲରେ ବିଶ୍ୱଭାରତୀ କ୍ରିକେଟ କ୍ଲବ

**ଅନିଲ ମେମୋରିଆଲ ଗୋଲଡେନ୍ କପ**

ଜଗତ୍‌ସିଂହପୁର, ୨୯।୧ (ପ୍ରମୋଦ କୁମାର ନାୟକ)

ପୁନଙ୍ଗସ୍ଥିତ ଜୟ ଦୁର୍ଗା ଯୁବ ଏବଂ କ୍ରିଡ଼ା ସଂଘ ଆନୁକୂଲ୍ୟରେ ଚାଲିଥିବା ରାଜ୍ୟସ୍ତରୀୟ ଅନିଲ ମେମୋରିଆଲ ଗୋଲଡେନ କପ୍ (କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ)ର ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ ଭୁବନେଶ୍ୱରର ଅଭିଲାଷ ଏକାଡେମୀକୁ ୮୪ ରନରେ ହରାଇ କଟକର ବିଶ୍ୱଭାରତୀ କ୍ରିକେଟ କ୍ଲବ ସେମିଫାଇନାଲରେ ପ୍ରବେଶ କରିଛି। ପ୍ରଥମେ ଅଭିଲାଷ ଏକାଡେମୀ ଟସ୍ ଜିତି ବିଶ୍ୱଭାରତୀକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା। ଏହିଦଳ ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ୍ ହରାଇ ୧୬୬ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ପ୍ରତୀକ ଜେନା ୩୫ଟି ବଲ ଖେଳି ସର୍ବାଧିକ ୫୬ ରନ ଓ ସ୍ୱାଧୀନ ପାତ୍ର ୩୦ ରନ କରିଥିଲେ। ଅଭିଲାଷ ଏକାଡେମୀ ପକ୍ଷରୁ ଅଭିଷେକ କୁମାର ୪ ଓଭର ବୋଲିଂ କରି ୨୧ ରନ ବିନିମୟରେ ୩ ଉଇକେଟ୍ ଏବଂ ଓମ ତ୍ରିପାଠୀ ୧୬ ରନ ଦେଇ ୨ଟି ଉଇକେଟ୍ ନେଇଥିଲେ। ଜବାବରେ ଅଭିଲାଷ ଏକାଡେମୀ ୧୫.୧ ଓଭରରେ ସମସ୍ତ ଉଇକେଟ୍ ହରାଇ ମାତ୍ର ୮୪ ରନ କରିବାକୁ ସକ୍ଷମ ହୋଇଛି। ମ୍ୟାଚରେ ପ୍ରତୀକ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଏହି ମ୍ୟାଚରେ ଅତିଥିଭାବେ ଅବସରପ୍ରାପ୍ତ ଶିକ୍ଷକ ଜ୍ୟୋତିଷ କାନୁନ୍‌ଗୋ, ଗଗନ ଦାସ, ପ୍ରଭାକର ଦାସ, ସମୀର ଭଟ୍ଟାଚାର୍ଯ୍ୟ ଯୋଗଦେଇ ପ୍ରତୀକଙ୍କୁ ପୁରସ୍କୃତ କରିଥିଲେ। ମ୍ୟାଚକୁ ଜୟନ୍ତ ଦାସ ଓ ସଞ୍ଜୀବ ବେହେରା ପରିଚାଳନା କରିଥିଲେ। ସ୍କୋରର ଭାବେ ସନ୍ତୋଷ ଜେନା, ଅଭିଜିତ ଚୌଧୁରୀ, ଭାଷାକାର ରୂପେ କରନ୍ ଖାଁ ପରିଚାଳନା କରିଥିଲେ। ସନ୍ଧ୍ୟା ସମୟରେ ଲିପୁ ମହାପାତ୍ର, ଓମପ୍ରକାଶ, ବଦ୍ରି ମହାନ୍ତି ସଙ୍ଗୀତ ପରିବେଷଣ କରିଥିଲେ। ରୁଦ୍ର ମଲ୍ଲିକ, ଆଦିତ୍ୟ ପାତ୍ର, ଅଭୟ ଦାଶ, ଅମିତ ଅଧିକାରୀ, ମୁନୁ ମହାନ୍ତି ସହଯୋଗ କରିଥିଲେ। ମଙ୍ଗଳବାର ଆୟୋଜକ ଦଳ ଓ ଭୁବନେଶ୍ୱରର କିଟ୍ କ୍ରିକେଟ ଏକାଡେମୀ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ ବୋଲି ସଂଘ ସମ୍ପାଦକ ରଜନୀକାନ୍ତ ଚୌଧୁରୀ ସୂଚନା ଦେଇଛନ୍ତି।

### ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଦେବାଶିଷ


@ ସୁଦୀପ୍ତା


@ ରଶ୍ମିତା


@ ଦୀପ୍ତିରଞ୍ଜନ


@ ସ୍ମିତା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

### ଓଡ଼ିଆ ଭାଷାର ମହତ୍ତ୍ୱ, ଜଗନ୍ନାଥ ସଂସ୍କୃତିକୁ ଗୁରୁତ୍ୱ

**ମା'କୁତାମଚଣ୍ଡୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନୂଆ-ଓ କାର୍ଯ୍ୟକ୍ରମ**

ନାଉଗାଁ,୨୯।୧(ସୁଧା ବେହୁରା)

ନାଉଗାଁ ବ୍ଲକ ଅନ୍ତର୍ଗତ ଦେବୀଦୋଳସ୍ଥିତ ମା'କୁତାମଚଣ୍ଡୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନୂଆ-ଓ କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା ଓ ଜଗନ୍ନାଥ ସଂସ୍କୃତି ଉପରେ ପ୍ରତିଯୋଗିତା ଓ କର୍ମଶାଳା ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର କାର୍ଯ୍ୟକ୍ରମ ସଂଯୋଜିକା ଅଧ୍ୟାପିକା ସୁଜାତା ରାଉତରାୟ ଅଧ୍ୟକ୍ଷତା କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ପ୍ରସନ୍ନ କୁମାର ବାରିକ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ଅଧ୍ୟାପକ ସୁଶାନ୍ତ କୁମାର ସ୍ୱାଇଁ,ପ୍ରକାଶ ମଲ୍ଲିକ, ଅଧ୍ୟାପିକା ଜାଗୃତି ମହାନ୍ତି, ଦମୟନ୍ତୀ ସାହୁ ପ୍ରମୁଖ ଯୋଗ ଦେଇ ଓଡ଼ିଆ ଭାଷାର ମହତ୍ତ୍ୱ ଓ ଜଗନ୍ନାଥ ସଂସ୍କୃତି ଉପରେ ଆଲୋଚନା କରିଥିଲେ। ଉକ୍ତ ଉତ୍ସବକୁ ସମସ୍ତ କର୍ମଚାରୀ ଓ ଛାତ୍ରୀଛାତ୍ର ପରିଚାଳନା କରିଥିଲେ।

# ସମାଜକୁ ବଦଳାଇ ପାରିବେ ଯୁବକ

**ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଉଦ୍‌ଯାପିତ**

ଏରସମା,୨୯।୧ (ଦୀପ୍ତି ରଞ୍ଜନ ଖଣ୍ଡୁଆଳ)

ଏରସମା ବ୍ଲକ ଅନ୍ତର୍ଗତ କୃଷ୍ଣଚନ୍ଦ୍ରପୁର ପଞ୍ଚାୟତସ୍ଥିତ ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟରେ ଯୁବ ଓଡ଼ିଶା, ନବୀନ ଓଡ଼ିଶା ଏବଂ ନୂଆ-ଓ ପକ୍ଷରୁ ଚାଲିଥିବା ସମନ୍ୱିତ ଯୁବବିକାଶ କାର୍ଯ୍ୟକ୍ରମ ସୋମବାର ଉଦ୍‌ଯାପିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଅଶୋକ କୁମାର ଗିରିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ବାଲିକୁଦା ଏରସମା ବିଧାୟକ ରଘୁନନ୍ଦନ ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇ ଯୁବକମାନେ ହେଉଛନ୍ତି ଶକ୍ତିର ଉତ୍ସ, ସେମାନେ ସମାଜକୁ ବଦଳାଇ ପାରିବେ ବୋଲି କହିଥିଲେ। ଏଥିରେ ଏମ୍‌ପି ଡ. ରାଜଶ୍ରୀ ମଲ୍ଲିକ ମୁଖ୍ୟ ବକ୍ତାଭାବେ ଉପସ୍ଥିତ ହୋଇ ଯୁବକମାନଙ୍କୁ ଶିକ୍ଷା ସହିତ ସାମାଜିକ କାର୍ଯ୍ୟରେ ମନୋନିବେଶ କରିବାକୁ ଆହ୍ୱାନ ଦେଇଥିଲେ। ଏଥିରେ କଲେଜ ଗଭର୍ଣ୍ଣିଂବଡି ସଭପତି ଶକ୍ତି ପ୍ରସନ୍ନ ସାମନ୍ତରାୟ,ବାଲିକୁଦା ଏରସମା ନିର୍ବାଚନ ମଣ୍ଡଳୀ ଯୁବ ବିଜେଡି ସଭାପତି ପାର୍ଥସାରଥୀ ରାଉତ, ଏମପିଙ୍କ ପ୍ରତିନିଧି ଅକ୍ଷୟ କୁମାର ସ୍ୱାଇଁ, ଜିଲା ପରିଷଦ ସଭ୍ୟ ପୀତବାସ ଗଚ୍ଛାୟତ, ପ୍ରଣବ ସ୍ୱାଇଁ, ରାଜ୍ୟ କାଳିଆ ଯୋଜନାର ଉପଦେଷ୍ଟା ସାରଦା ପ୍ରସନ୍ନ ଜେନା, ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀପ୍ରିୟା ମହାପାତ୍ର, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅଭୟ କୁମାର ପ୍ରଧାନ, ସ୍କୁଲ ଓ ଗଣଶିକ୍ଷା ଉପଦେଷ୍ଟା ଶିଶିର ପରିଜା, ଉଚ୍ଚ ଶିକ୍ଷା ବିଭାଗ ଉପଦେଷ୍ଟା ତନ୍ମୟ ସ୍ୱାଇଁ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ହୋଇ ନୂଆ - ଓ ଯୁବ ବିକାଶ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ଦେଇଥିଲେ। ଛାତ୍ର ସଂସଦର ଉପଦେଷ୍ଟା ସଞ୍ଜୀବ କୁମାର ରାଉତ ପ୍ରାରମ୍ଭିକ ସୂଚନା, ଯୁକ୍ତ ୨ ବିଭାଗର ଅଧ୍ୟକ୍ଷ ବିଭୁ ରଞ୍ଜନ ଦାସ ସ୍ୱାଗତ ଭାଷଣ, ପ୍ରଶାସକ ଅଶୋକ କୁମାର ସାମଲ ବାର୍ଷିକ ବିବରଣୀ ପାଠ କରିଥିଲେ। ଅଧ୍ୟାପକ ଚିତ୍ତରଞ୍ଜନ ମହାପାତ୍ର, ନୋଡାଲ ଅଫିସର୍ କ୍ଷେତ୍ରବାସୀ ପ୍ରଧାନ, ସସ୍ମିତା ସାହୁ, ଅତୁଲ୍ୟ ଖଣ୍ଡୁଆଳ, ଶିବ ସୁନ୍ଦର ମୁଦୁଲି, ତିଥି ରାୟ, ସରୋଜ ସେଠୀ ପ୍ରମୁଖ ପରିଚାଳନା କରିଥିଲେ। ଏଥିରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରଯାଇଥିଲା। ଶେଷରେ ମୋ କଲେଜ ଅଭିଯାନର ସଂଯୋଜକ ପ୍ରଭାତ କୁମାର ମୁଦୁଲି ଧନ୍ୟବାଦ ଦେଇଥିଲେ।

# ବିକାଶ ନାହିଁ ତ ଭୋଟ ନାହିଁ

**ଅଷ୍ଟମ ଦିନରେ ରେଢୁଆ ଆଞ୍ଚଳିକ ବିକାଶ ପରିଷଦର ଗଣସତ୍ୟାଗ୍ରହ**

ରଘୁନାଥପୁର, ୨୯।୧ (ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ ରେଢୁଆ ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ୧୦ ଦଫା ଦାବି ନେଇ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ଗଣ ସତ୍ୟାଗ୍ରହ ଅଷ୍ଟମ ଦିନରେ ପହଞ୍ଚିଛି। ମାତ୍ର ଏପର୍ଯ୍ୟନ୍ତ କୌଣସି ଅଧିକାରୀ ସତ୍ୟାଗ୍ରହ ସ୍ଥଳକୁ ଆସିନାହାନ୍ତି। ଫଳରେ ଆନ୍ଦୋଳନକାରୀମାନେ ଅସନ୍ତୋଷବ୍ୟକ୍ତ କରିଛନ୍ତି। ଅଞ୍ଚଳର ବିକାଶ ନାହିଁ ତ ଭୋଟ ନାହିଁ ବୋଲି ସତ୍ୟାଗ୍ରହ ସ୍ଥଳରେ ବକ୍ତାମାନେ ଚେତାବନୀ ଦେଇଛନ୍ତି।

ସୂଚନାଯୋଗ୍ୟ, ଜଗତ୍‌ସିଂହପୁର ଜିଲା ରଘୁନାଥପୁର ତହସିଲ ଅନ୍ତର୍ଗତ ରେଢୁଆ ଅଞ୍ଚଳ ଏକ ପ୍ରମୁଖ କେନ୍ଦ୍ରସ୍ଥଳ। ଦୀର୍ଘଦିନ ଧରି ଏହି ଅଞ୍ଚଳରେ ଗମନାଗମନ ସମସ୍ୟା, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ପୂର୍ଣ୍ଣ କାର୍ଯ୍ୟକ୍ଷମ, ପ୍ରାଣୀ ଚିକିତ୍ସାଳୟ ସମସ୍ୟା, ଯୁକ୍ତ ୩ ବିଜ୍ଞାନ ଶିକ୍ଷାଦାନ ବ୍ୟବସ୍ଥା, ଚାଷ ଜମିରୁ ଜଳ ନିଷ୍କାସନ, ମୃତ ନଦୀରେ ମାଛ ଚାଷ କରି ରୋଜଗାର ପନ୍ଥା ସୃଷ୍ଟି କରିବା, ଚାଷୀଙ୍କ ପାଇଁ ଶୀତଳ ଭଣ୍ଡାର, ମଣ୍ଡିରେ ସମସ୍ତ ଚାଷୀଙ୍କ ଧାନ ବିକ୍ରି ବ୍ୟବସ୍ଥା ଭଳି ସମସ୍ୟା ରହିଛି। ଏହାର ସମାଧାନ ନିମନ୍ତେ ସ୍ଥାନୀୟ ଲୋକେ ବାରମ୍ବାର ସରକାର ଓ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି। ଏହାସତ୍ତ୍ୱେ କୌଣସି ପଦକ୍ଷେପ ନିଆଯାଉନାହିଁ। ଏସବୁ ସମସ୍ୟାର ତୁରନ୍ତ ସମାଧାନ ୨୮।୧୦।୨୦୨୨ ସୁଦ୍ଧା କରିବା ପାଇଁ ବିଭାଗୀୟ ଅଧିକାରୀ ଓ ସରକାରଙ୍କୁ ଲିଖିତଭାବେ ପୁନର୍ବାର ଦାବି କରାଯାଇଥିଲା। ଏହାସତ୍ତ୍ୱେ ଦାବିଗୁଡ଼ିକ ପୂରଣ ନ ହେବାରୁ ସତ୍ୟାଗ୍ରହ କରାଯାଇଛି ବୋଲି ବିକାଶ ପରିଷଦ ପକ୍ଷରୁ କୁହାଯାଇଛି। ନବ ନିର୍ମାଣ କୃଷକ ସଙ୍ଗଠନର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦେବୀ ପ୍ରସାଦ ମହାରଣା ସତ୍ୟାଗ୍ରହ ସ୍ଥଳରେ ପହଞ୍ଚି ଏନେଇ କ୍ଷୋଭ ପ୍ରକାଶ କରିଥିଲେ। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଏହି ସତ୍ୟାଗ୍ରହ ଜାରି ରହିବ ବୋଲି ସଂଗ୍ରାମୀ ସ୍ନେହାଂଶୁ ଜେନା ଜନ ସାଧାରଣଙ୍କୁ ଆହ୍ୱାନ ଦେଇଥିଲେ। ପ୍ରାଣକୃଷ୍ଣ ନାୟକ, ବିଜନ ମହାପାତ୍ର, ଗୀତା ରଥ, ସନ୍ତୋଷ ସ୍ୱାଇଁ, ଶରତ ବାରିକ, ନିରଞ୍ଜନ ପାତ୍ର, କୈଳାସ ଖଟୁଆ, ଦୀନବନ୍ଧୁ ଖଟୁଆ, କ୍ଷେତ୍ର ମୋହନ ଭୋଇ, ସୁଦାମା ସେଠୀ,ଗୁରୁ ଚରଣ ସାମଲ, ତପନ କୁମାର ଦାସ, ବିରଞ୍ଚି ଓଝା, ବୀରେନ୍ଦ୍ର ସ୍ୱାଇଁ, ବଟକୃଷ୍ଣ ଖଟୁଆ, ଘନଶ୍ୟାମ ଜେନା ପ୍ରମୁଖ ସତ୍ୟାଗ୍ରହରେ ସାମିଲ ହୋଇଛନ୍ତି।



ଗଣସତ୍ୟାଗ୍ରହରେ ବସିଥିବା ରେଢୁଆ ଆଞ୍ଚଳିକ ବିକାଶ ପରିଷଦର ସଦସ୍ୟ ଓ ଅନ୍ୟମାନେ।

# ଜିଲା ପରିଷଦ ବୈଠକର ଗୁରୁତ୍ୱ ହ୍ରାସ ପାଉଛି

ନୟାଗଡ଼,୨୯।୧(ଲୋକନାଥ ମିଶ୍ର)


ରାମେଶ୍ୱର ଶତପଥୀ

- ରିଜଲ୍ୟୁଶନ ପ୍ରସ୍ତାବ କାର୍ଯ୍ୟକାରୀ ହେଉ ନ ଥିବାରୁ ବଢୁଛି ଅବ୍ୟବସ୍ଥା
- ବୈଠକ, ଆତିଥ୍ୟତାରେ ବିତିଗଲାଣି ୨ ବର୍ଷ
- ଭୋଟରଙ୍କ ପାଇଁ କାମ କରି ହେଉନି

ଜିଲା ପରିଷଦ ବୈଠକରେ ରିଜୋଲେଶନ ହେଉଥିବା ପ୍ରସ୍ତାବ କାର୍ଯ୍ୟକାରୀ ହେଉ ନ ଥିବାରୁ ପଞ୍ଚାୟତିରାଜ ବ୍ୟବସ୍ଥାର ସର୍ବୋଚ୍ଚ ସଂସ୍ଥା କୁହାଯାଉଥିବା ଜିଲା ପରିଷଦ ବୈଠକର ଗୁରୁତ୍ୱ ହ୍ରାସ ପାଉଛି। ୨ ବର୍ଷ ଭିତରେ ହୋଇଥିବା ଜିଲା ପରିଷଦ ବୈଠକର ରିଜୋଲେଶନଗୁଡିକ ଅନୁଧ୍ୟାନ କଲେ ଏହା ସ୍ପଷ୍ଟ ହୋଇଯିବ। କେବଳ ବୈଠକ ହସଖୁସି କରି ଫେରିବା ବ୍ୟତିତ ଅନ୍ୟ ଉପାୟ ନାହିଁ। ଭୋଟରଙ୍କ ପାଇଁ କାମ କରି ହେଉନି। ଭୋଟରଙ୍କ ପ୍ରଶ୍ନବାଣରେ ଆମେ ନୀରବତା ଅବଲମ୍ବନ କରିବା ବ୍ୟତିତ ଅନ୍ୟ ଉପାୟ ନାହିଁ। କ୍ଷେତ୍ର ପରିଭ୍ରମଣ କରିବାବେଳେ ଆମେ ହଇରାଣ ହେଉଛୁ। ସ୍ଥିତି ଏଭଳି ହେଲାଣି ଜିଲା ପରିଷଦ ବୈଠକକୁ ଆସିବାକୁ ମନ ହେଉନାହିଁ। ଏଭଳିଆ ଅଭିଯୋଗ ରବିବାର ଅନୁଷ୍ଠିତ ଜିଲା ପରିଷଦର ସ୍ୱତନ୍ତ୍ର ବୈଠକରେ ସଭ୍ୟମାନେ ଉପସ୍ଥାପନ କରି ଉଦ୍‌ବେଗ, ଅସନ୍ତୋଷ ପ୍ରକାଶ କରିଥିଲେ। ଏପରିକି ବୈଠକ ବର୍ଜନ କରିବା ଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା। ଏ ନେଇ ସଭ୍ୟ ରାମେଶ୍ୱର ଶତପଥୀ କହିଥିଲେ, ୨ବର୍ଷ ଭିତରେ କେତୋଟି ଜିଲା ପରିଷଦ ବୈଠକ ହୋଇଛି ସେଥିରୁ ରିଜୋଲେଶନ ହୋଇଥିବା କେଉଁ ପ୍ରସ୍ତାବଗୁଡିକ କାର୍ଯ୍ୟକାରୀ ହୋଇଛି। ସେନେଇ ଆମକୁ ସୂଚନା ଦିଆଯାଉ। ଏଭଳିଆ ଅଭିଯୋଗ ଗତ ଥର ବି ଉଠାଇଥିଲୁ। ବିଭିନ୍ନ ବୈଠକରେ ବି ଉଠାଉଛୁ। ହେଲେ ଆମ ଅଭିଯୋଗ ଶୀତଳଭଣ୍ଡାରକୁ ଚାଲି ଯାଉଛି। ଜିଲା ପରିଷଦ ବୈଠକରେ ଜିଲାପାଳଙ୍କ ଠାରୁ ଆରମ୍ଭ କରି ଜିଲା ସ୍ତରୀୟ ଅଧିକାରୀ ଯୋଗ ଦେଇ ଆଲୋଚନାରେ ଭାଗ ନେଉଛନ୍ତି। ତେବେ ଜିଲା ପରିଷଦ ବୈଠକରେ ହୋଇଥିବା ପ୍ରୋସଡିଂ କ'ଣ ପାଇଁ କାର୍ଯ୍ୟକାରୀ ହେଉନି। ପ୍ରେସଡିଂ କାର୍ଯ୍ୟକାରୀ ନ ହେବା ପଛର କାରଣ ଯଦି କାର୍ଯ୍ୟକାରୀ କରାଯାଇଛି କ'ଣ କାର୍ଯ୍ୟାନୁଷ୍ଠାନ ହୋଇଛି। କାହା ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇଛି ଉତ୍ତର ମିଳୁନି। ଏ ନେଇ ବାରମ୍ବାର ଅଭିଯୋଗ ପରେ ଗୃହକୁ ଜଣାଯାଉନାହିଁ କାହିଁକି। ବନ ବିଭାଗ ପରି ଅନେକ ବିଭାଗ ୪ ଦିନରେ ତଥ୍ୟ ଦେବେ କହି ୪ ମାସ ବିତି ଗଲା ପରେ ବି ତଥ୍ୟ ଦେଉନାହାନ୍ତି। ଜିଲା ପରିଷଦରୁ ଅର୍ଥ ପଞ୍ଚାୟତକୁ ଯାଉଛି। ଅଥଚ ପଞ୍ଚାୟତରେ ଜିଲା ପରିଷଦ ସଭ୍ୟଙ୍କୁ ଅଣଦେଖା କରାଯାଉଛି। ଏହାର ସମାଧାନ କାହିଁକି କରାଯାଉନି। ଜିଲା ପରିଷଦ ସ୍ୱତନ୍ତ୍ର ଅଧିବେଶନର କପି ସଭ୍ୟମାନଙ୍କୁ ଦିଆଯାଉନାହିଁ। ତେବେ ସଂଶୋଧନ ପ୍ରସ୍ତବ ହସ୍ତଗତ ହୋଇ ନ ଥିବା ଦର୍ଶାଇ ପୂର୍ବ ବୈଠକର ବିବରଣୀକୁ ଗୃହୀତ କରାଗଲା ବୋଲି କିପରି କୁହାଯାଉଛି। ଏହାଦ୍ୱାରା ଜିଲା ପରିଷଦ ସଭ୍ୟମାନଙ୍କର ମାନ, ସମ୍ମାନ ଉପରେ ଆଞ୍ଚ ଆସୁଛି ବୋଲି କହିଥିଲେ। ଏଥିରେ ପରିବର୍ତ୍ତନ ନ ଆସିଲେ ବୈଠକକୁ ଯିବୁ ନାହିଁ ବୋଲି କହିଥିଲେ। ଜିଲା ପରିଷଦ ଅଧ୍ୟକ୍ଷ ସଭ୍ୟମାନଙ୍କର ଉଦ୍‌ବେଗକୁ ଲକ୍ଷ୍ୟ କରି କହିଥିଲେ ଅଧ୍ୟକ୍ଷ ହୋଇଥିଲେ ବି ନିଜେ ଜଣେ ଜିଲା ପରିଷଦ ସଭ୍ୟ। ସଭ୍ୟମାନଙ୍କର ଉଦ୍‌ବେଗ ବୁଝି ପାରୁଛି। ସଭ୍ୟମାନଙ୍କର ଯେପରି ସମ୍ମାନ ବଜାୟ ରହିବ ସେଥିପ୍ରତି ଚେଷ୍ଟା ଜାରି ରହିବ।

ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ଦେବାଶିଷ


@ ସୁଦୀପ୍ତା


@ ରଶ୍ମିତା


@ ଦୀପ୍ତିରଞ୍ଜନ


@ ସ୍ମିତା

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଦେଢ଼ ଲକ୍ଷ ଟଙ୍କା ଆତ୍ମସାତ୍ ଅଭିଯୋଗ

ନୟାଗଡ଼,୨୯।୧(ଲୋକନାଥ ମିଶ୍ର)

**ମଡେଲ ଡିଗ୍ରୀ କଲେଜରେ ଛାତ୍ର ବିକ୍ଷୋଭ**

ନୟାଗଡ଼ ବ୍ଲକ ଲାଠିପଡାସ୍ଥ ମଡେଲ ଡିଗ୍ରୀ କଲେଜରେ କଲେଜ ପାଇଁ ଆସିଥିବା ସରକାରୀ ଅନୁଦାନ ପ୍ରାୟ ଦେଢ଼ ଲକ୍ଷ ଟଙ୍କା ଅଧ୍ୟକ୍ଷ ଆତ୍ମସାତ କରିଥିବା ଅଭିଯୋଗ ହୋଇଛି। କଲେଜର କେତେଜଣ ଛାତ୍ର ଅଧ୍ୟକ୍ଷଙ୍କ ନାଁରେ ଏଭଳି ଅଭିଯୋଗ ଆଣି ଫାଟକରେ ତାଲା ପକାଇ ସମ୍ମୁଖରେ ଟାୟାର ଜାଳି ବିକ୍ଷୋଭ କରିଥିଲେ। ଖବର ପାଇ ଇଟାମାଟି ଥାନା ପୋଲିସ ପହଞ୍ଚି ଛାତ୍ରଙ୍କୁ ବୁଝାଶୁଝା କରି ବିକ୍ଷୋଭ ପ୍ରତ୍ୟାହାର କରାଇଛି। ଏ ନେଇ ଆଇଆଇସି ଦିଲୀପ ସ୍ୱାଇଁ କୁହନ୍ତି, କଲେଜରେ ଛାତ୍ର ଅଶାନ୍ତି ଦେଖା ଦେଇଥିଲା। ଛାତ୍ରଙ୍କର ଅଭିଯୋଗ କ'ଣ ଅଛି ସେମାନଙ୍କୁ ଉପସ୍ଥାପନ କରିବାକୁ କୁହାଯାଇଛି। ହେଲେ ସେମାନେ ସେମାନଙ୍କର ଅଭିଯୋଗ ଏଯାବତ ଦେଇନାହାନ୍ତି। ବୁଝାଶୁଝା ପରେ ବିକ୍ଷୋଭ ପ୍ରତ୍ୟାହାର ହୋଇଛି। ଅଧ୍ୟକ୍ଷ ମାନସ ରଞ୍ଜନ ଶତପଥୀଙ୍କୁ ପଚାରିବାରେ କଲେଜରେ କୌଣସି ଅର୍ଥ ଆତ୍ମସାତ୍ ହୋଇନାହିଁ। ତେବେ ପିଲାଙ୍କ ମାର୍କରେ ପର୍ସେଣ୍ଟେଜ କମ ହେବା ପରେ ବାହାନା ବନାଇ ଆନ୍ଦୋଳନ କରିବା ଠିକ୍ ନୁହେଁ। ସବୁ ପ୍ରକାରର ତଦନ୍ତକୁ ମୁଁ ସ୍ୱାଗତ କରୁଛି ବୋଲି ସେ କହିଛନ୍ତି।



ଟାୟାର ଜାଳି କଲେଜ ଗେଟ ସମ୍ମୁଖରେ ଛାତ୍ରମାନେ ଆନ୍ଦୋଳନ କରୁଛନ୍ତି।

## ନୟାପଲ୍ଲୀ ଦେବରାୟ କଲେଜ ଚାମ୍ପିୟନ



ଅତିଥିମାନେ ଚାମ୍ପିୟନ ଦଳର ଖେଳାଳିଙ୍କୁ ଟ୍ରଫି ପ୍ରଦାନ କରୁଛନ୍ତି।

ନୟାଗଡ଼,୨୯।୧(ଲୋକନାଥ ମିଶ୍ର)

**ବିଶ୍ୱବିଦ୍ୟାଳୟ ଆନ୍ତଃ ଜୋନ୍ କ୍ରିକେଟ ଫାଇନାଲ**

ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟ ଖେଳ ପଡ଼ିଆରେ ଅନୁଷ୍ଠିତ ଉତ୍କଳ ବିଶ୍ୱ ବିଦ୍ୟାଳୟ ଆନ୍ତଃ ଜୋନ୍ କ୍ରିକେଟ ଫାଇନାଲ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ବିଜେବି କଲେଜକୁ ପରାସ୍ତ କରି ନୟାପଲ୍ଲୀ ଦେବରାୟ କଲେଜ ଚାମ୍ପିୟନ ହୋଇଛି। ପ୍ରଥମେ ଦେବରାୟ କଲେଜ ଟସ୍ ଜିତି ବୋଲିଂ କରିଥିଲା। ବିଜେବି କଲେଜ ପ୍ରଥମେ ବ୍ୟାଟିଂ କରି ୨୬.୩ ଓଭରରେ ୭୦ ରନ୍ କରିଥିଲା। ଜବାବରେ ଦେବରାୟ କଲେଜ ୧୧.୪ ଓଭରରେ ଆବଶ୍ୟକ ରନ୍ କରି ଚାମ୍ପିୟନ ହୋଇଥିଲା। ଦେବରାୟ କଲେଜ ପକ୍ଷରୁ ଶୁଭମ୍ ସତ୍ୟଜିତ ନାୟକ ୪୭ ରନ୍ କରି ଅପରାଜିତ ଥିଲେ। ଦେବରାୟ କଲେଜର ଅଂଶୁମାନ ବେଜ୍ ୬ ଓଭରରେ ମାତ୍ର ୧୪ ରନ୍ ବ୍ୟୟ କରି ୩ଟି ଉଇକେଟ୍ ହାସଲ କରିବା ସହ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଟୁର୍ନାମେଣ୍ଟରେ ଉନ୍ନତ ମାନର ଖେଳ ପ୍ରଦର୍ଶନ କରି ବିଜେବି କଲେଜର ସାଇ ଶୁଭମ୍ ମ୍ୟାନ୍ ଅଫ୍ ଦି ସିରିଜ୍ ପୁରସ୍କାର ହାସଲ କରିଛନ୍ତି। ମ୍ୟାଚରେ ଅମ୍ପାୟର ଭାବେ ସତ୍ୟଜିତ ମହାନ୍ତି, ରିଶିକାନ୍ତ ମାନସିଂ, ସ୍ମୃତି ରଞ୍ଜନ ମାନସିଂ, ବିମଲ କୁମାର ପ୍ରଧାନ, ତନ୍ମୟ ସାମନ୍ତସିଂହାର କରିଥିବା ବେଳେ ଡାନି କଲର୍ସ ସ୍କୋରର ରହିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ ଓ ସମ୍ମାନିତ ଅତିଥି ଭାବେ ସ୍ପୋର୍ଟସ କାଉନସିଲ ଉତ୍କଳ ବିଶ୍ୱ ବିଦ୍ୟାଳୟ ନିର୍ଦ୍ଦେଶକ ବିଜୟ କୁମାର ସୁନ୍ଦରାୟ, ନୟାଗଡ଼ ମ୍ୟୁନିସିପାଲଟି ଅଧ୍ୟକ୍ଷା ନିରୁପମା ଖଟେଇ, କୋ ଅର୍ଡିନେଟର ପ୍ରବୀର କୁମାର ମହାନ୍ତି, ବେଣୁଧର ଦାସ, ଚତୁର୍ଭୁଜ ଜେନା, ପ୍ରଶାନ୍ତ କୁମାର ମହାନ୍ତି, ନୟାଗଡ଼ ସ୍ୱୟଂ ଶାଶିତ ମହାବିଦ୍ୟାଳୟର ଅଧ୍ୟକ୍ଷ ଅଶ୍ୱିନ କୁମାର ନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ। କଲେଜର ଅଧ୍ୟକ୍ଷ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। କଲେଜର କ୍ରୀଡ଼ା ଶିକ୍ଷକ ସୂର୍ଯ୍ୟମଣି ପ୍ରଧାନ, ବିନାୟକ ପ୍ରସାଦ ରାଓ ଟୁର୍ନାମେଣ୍ଟ ପରିଚାଳନାରେ ସହାୟତା ପ୍ରଦାନ କରିଥିଲେ। ଉଦ୍‌ଯାପନ ଉତ୍ସବର ଆଶୁତୋଷ ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ଅଧ୍ୟାପକ ଗଣେଶ ମିଶ୍ର ଖେଳ ସୁପରିଚାଳନା ପାଇଁ ସମସ୍ତ କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଦେଇଥିଲେ।

## ମହିଳାଙ୍କୁ ଆକ୍ରମଣ ସହ ଲୁଟ୍ ଅଭିଯୋଗ

ଭାପୁର,୨୯।୧
(ଭରତ କୁମାର ବେହେରା)

ଭାପୁର ବ୍ଲକ ଅଞ୍ଚଳର ଜଣେ ମହିଳାଙ୍କ ପାଖରୁ ଲୁଟ୍ ହୋଇଥିବା ଅଭିଯୋଗ ଆସିଛି। ଫତେଗଡ ଥାନାରେ ହୋଇଥିବା ଏତଲା ଅନୁଯାୟୀ ସେହି ଗ୍ରାମର ମାନଗୋବିନ୍ଦ ଜେନା ଏଭଳି ସାଂଘାତିକ ଅଭିଯୋଗ ଆଣିଛନ୍ତି। ଶନିବାର ଅପରାହ୍ଣରେ ମାନଗୋବିନ୍ଦଙ୍କ ପୁଅ ବୋହୂ ଗ୍ରାମରୁ ବିଜିପୁରସ୍ଥିତ ସାଇ ମନ୍ଦିରକୁ ଦର୍ଶନ ପାଇଁ ଯାଉଥିଲେ। ତେବେ ଫତେଗଡରୁ ବିଜିପୁରକୁ ସଂଯୋଗ କରିଥିବା କାବେତି ପୋଖରୀ ନିକଟରେ ଜଣେ ଯୁବକ ସେମାନଙ୍କୁ ଅଟକାଇବା ସହ ମହିଳାଙ୍କ ବେକରେ ଥିବା ୧୫ ଗ୍ରାମର ସୁନା ଚେନ ଛଡାଇ ନେଇଥିଲେ। ଏହି ସମୟରେ ମାନଗୋବିନ୍ଦଙ୍କ ପୁଅ ପ୍ରତିବାଦ କରିବାରୁ ଉକ୍ତ ଅସାମାଜିକ ବ୍ୟକ୍ତିମାନେ ଧମକ ଚମକ ଦେବା ସହ ଆକ୍ରମଣ ଉଦ୍ୟମ କରିଥିଲେ। ଜୀବନ ବଞ୍ଚାଇବା ସହ ପୁଅ ବୋହୂ ଗ୍ରାମରେ ଆସି ବାପା ମାନଗୋବିନ୍ଦଙ୍କୁ ଜଣାଇଥିଲେ। ପରେ ଗ୍ରାମବାସୀଙ୍କ ସହ ମାନଗୋବିନ୍ଦ ଘଟଣାସ୍ଥଳକୁ ଯାଇ ପ୍ରତ୍ୟକ୍ଷଦର୍ଶୀଙ୍କଠାରୁ ଉକ୍ତ ଯୁବକମାନଙ୍କ ବିଷୟରେ ପଚାରି ବୁଝିଥିଲେ। ତେବେ ଚେନ୍ ଲୁଟ କରିଥିବା ଯୁବକ ହେଲେ ଦୀପକ କୁମାର ଜେନା ବୋଲି ସୂଚନା ମିଳିଥିଲା। ଦୀପକ କେନ୍ଦୁପଲ୍ଲୀ ପଞ୍ଚାୟତରୁ ସମିତିସଭ୍ୟ ଭାବେ ପ୍ରତିନିଧି କରୁଥିବା ନେଇ ସୂଚନା ମିଳିଛି। ତେବେ ଏଭଳି ଘଟଣାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି। ସ୍ଥାନୀୟ ପୋଲିସ ଘଟଣାର ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ଦାବି ହୋଇଛି।

## ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଉଦ୍‌ଯାପିତ

ନୟାଗଡ଼,୨୯।୧
(ଲୋକନାଥ ମିଶ୍ର)

ନୂଆ-ଓ ଯୋଜନା ଆନୁକୂଲ୍ୟରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଦ୍ୱାରା ମହାବିଦ୍ୟାଳୟରେ ଚାଲୁ ରହିଥିବା ବିବିଧ ପ୍ରତିଯୋଗିତା କାର୍ଯ୍ୟକ୍ରମ ଶ୍ରୀଲଡୁକେଶ ଆଞ୍ଚଳିକ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଗୋଡ଼ିପଡ଼ାଠାରେ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ସାହିତିକ ତଥା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଉଦୟନାଥ କର ଯୋଗଦେଇ କହିଥିଲେ, ଓଡ଼ିଆଭାଷା ସାହିତ୍ୟରେ ଓଡ଼ିଶାର ମହନୀୟତା ପରିସ୍ଫୁଟିତ ହୋଇଥାଏ। ଏହାର ଉପାଦେୟତାକୁ ଯୁବପିଢ଼ି ବୁଝିବା ଜରୁରୀ। ମହାବିଦ୍ୟାଳୟର ଅଧ୍ୟକ୍ଷା ଉଷାରାଣୀ ପଟ୍ଟନାୟକ ଅଧ୍ୟକ୍ଷତା ପୂର୍ବକ ଅତିଥିଗଣଙ୍କୁ ସ୍ୱାଗତ କରିଥିଲେ। ନୋଡ଼ାଲ ଅଫିସର ଅଧ୍ୟାପକ ପୁଲକ କୁମାର ମହାନ୍ତି ଅତିଥି ପରିଚୟ ପ୍ରଦାନ ପୂର୍ବକ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଉପସ୍ଥାପନ କରିଥିଲେ। ଅଧ୍ୟାପିକା ରଶ୍ମିତା ମହାପାତ୍ର ଓ ବିଜ୍ଞାନଗାର ସହାୟକ ଉପେନ୍ଦ୍ର କୁମାର ସାହୁ ପୁରସ୍କାର ଓ ପ୍ରମାଣ ପତ୍ର ବଣ୍ଟନରେ ସହଯୋଗ କରିଥିଲେ। ଓଡ଼ିଆ ଭାଷାରେ ପ୍ରବନ୍ଧ ରଚନା, ତର୍କ, କବିତାପାଠ, ସଙ୍ଗୀତ, କୁଇଜ, ଓଡ଼ିଆ ଖାଦ୍ୟ ପ୍ରସ୍ତୁତି, ଲୋକନୃତ୍ୟ ଓ ଝୋଟି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଅଧ୍ୟାପକ ସନ୍ତୋଷ କୁମାର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିବା ସହ ଧନ୍ୟବାଦ ଦେଇଥିଲେ। କ୍ରୀଡ଼ା ଶିକ୍ଷକ ଚିତ୍ତରଞ୍ଜନ ମହାପାତ୍ର, ବିଜ୍ଞାନଗାର ସହାୟକ ପବିତ୍ର କୁମାର ପୃଷ୍ଟି ଓ ଶରତ ଚନ୍ଦ୍ର ମହାପାତ୍ର, ଅଧ୍ୟାପିକା ବାସନ୍ତୀ କୁମାରୀ ପ୍ରଧାନ ପ୍ରତିଯୋଗିତା ପରିଚାଳନାରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଶିଶୁ କଳାକାର ସ୍ମୃତିରେଖା ସାହୁଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା।

## ଡାଲା ଅଟୋ ସହ ହଜାରେ ଲିଟର ଦେଶୀ ମଦ ଜବତ

ନୟାଗଡ଼,୨୯।୧(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ଅବକାରୀ ସ୍କ୍ୱାଡ୍ ନୂଆ ବସ୍‌ଷ୍ଟାଣ୍ଡ ନିକଟରୁ ଏକ ଡାଲା ଅଟୋ ସହ ୧ ହଜାର ଲିଟର ଦେଶୀ ମଦ ଜବତ କରିଛି। ଯାହାର ଦାମ ପ୍ରାୟ ୨ଲକ୍ଷ ଟଙ୍କା ହେବ। ଏହି ଘଟଣାରେ ଦଶପଲ୍ଲା ଥାନା ବନ୍ଧୁଗାଁର ଶଙ୍କର ଟିନାରା (୨୫)ଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ଜାମିନ ନାମଞ୍ଜୁର ପରେ ଶଙ୍କରଙ୍କୁ ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି। ଡାଲା ଅଟୋ ନଂ. ଓଡି ୦୨ ବିଭି ୧୪୬୨ରୁ ୨୦ଟି ବସ୍ତାରେ ୫୦୦ ପାଉଚ ରଖାଯାଇ ଦଶପଲ୍ଲାରୁ ନୟାଗଡ଼ ଚାଲାଣ କରାଯାଉଥିଲା। ଖବରପାଇ ନୟାଗଡ଼ ଜିଲା ଅବକାରୀ ସ୍କ୍ୱାର୍ଡ ନୟାଗଡ଼ ନୂଆ ବସ୍‌ଷ୍ଟାଣ୍ଡ ନିକଟରୁ ୧୦୦୦ ଲିଟର ଦେଶୀ ମଦ ଜବତ କରିଥିଲା। ଏ ନେଇ ନଂ. ୩୪୩/୨୪ ରେ ମାମଲା କରି ଘଟଣାର ତଦନ୍ତ କରୁଛି। ଅବକାରୀ ଏସ୍‌ପି କରୁଣା ଶଙ୍କର ତିୱାରୀଙ୍କ ନିର୍ଦ୍ଦେଶରେ ଜିଲା ମୋବାଇଲ ସ୍କ୍ୱାର୍ଡର ଅବକାରୀ ଆଇଆଇସି ଭକ୍ତ ବତ୍ସଳ ବର୍ମା, ଅବକାରୀ ସବ୍‌ଇନ୍ସପେକ୍ଟର ଅର୍ପିତାରାଣୀ ସାହୁ, ଏସ୍‌ଆଇ ବିଦ୍ୟାଧର ପ୍ରଧାନ ପ୍ରମୁଖ ଚଢ଼ାଉରେ ସାମିଲ ହୋଇଥିଲେ।

## ଭଏସ୍ ଅଫ୍ ନୟାଗଡ଼ର ବିଜେତା ହେଲେ ଦେବୀପ୍ରସାଦ

ନୟାଗଡ଼,୨୯।୧(ଲୋକନାଥ ମିଶ୍ର)

ନୟାଗଡ଼ର ଯୁବ କଣ୍ଠଶିଳ୍ପୀମାନଙ୍କୁ ନେଇ ସ୍ଥାନୀୟ କ୍ଲବ ପକ୍ଷରୁ ଆୟୋଜିତ ଭଏସ୍ ଅଫ୍ ନୟାଗଡ଼ ଚତୁର୍ଥ ସିଜିନ୍‌ର ଗ୍ରାଣ୍ଡ ଫାଇନାଲ୍ ସ୍ଥାନୀୟ ପଠାଣି ସାମନ୍ତ ସଂସ୍କୃତି ଭବନ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଦେବୀପ୍ରସାଦ ନନ୍ଦ ଭଏସ୍ ଅଫ୍ ନୟାଗଡ଼ର ବିଜେତା ହୋଇ ୧୦ହଜାର ଟଙ୍କା ଓ ଟ୍ରଫି ପାଇଛନ୍ତି। ସେହିଭଳି ଦ୍ୱିତୀୟ ସ୍ଥାନରେ ଆଶୁତୋଷ ବେହେରା, ତୃତୀୟ ସ୍ଥାନରେ କିର୍ତ୍ତୀକା ମଣ୍ଡଳ ରହିଛନ୍ତି। ଏକମାସ ଧରି ନୟାଗଡ଼ର ବିଭିନ୍ନ ବ୍ଲକ ମଧ୍ୟରେ ସଙ୍ଗୀତ ପ୍ରତିଯୋଗିତା କରାଯାଇ ଶ୍ରେଷ୍ଠ ୮ ଜଣ ପ୍ରତିଯୋଗୀଙ୍କୁ ଅନ୍ତିମ ପର୍ଯ୍ୟାୟକୁ ଚୟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ନୟାଗଡ଼ର ବିଧାୟକ ଅରୁଣ କୁମାର ସାହୁ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ନୟାଗଡ଼ ପୌରାଞ୍ଚଳ ଅଧ୍ୟକ୍ଷା ନିରୁପମା ଖଟେଇ ଉପସ୍ଥିତ ଥିବା ବେଳେ ନୟାଗଡ଼ କ୍ଲବ ସଭାପତି ରବୀନ୍ଦ୍ର କୁମାର ସାହୁ, ସମ୍ପାଦକ ମହିର ରଞ୍ଜନ ନାୟକ ଓ ବରିଷ୍ଠ ସଦସ୍ୟ ଅରୁଣ କୁମାର ମହାନ୍ତି,


ଅତିଥିମାନେ କୃତୀ ପ୍ରତିଯୋଗୀଙ୍କ ପୁରସ୍କୃତ କରୁଛନ୍ତି।

ଅଶୋକ କୁମାର ନାୟକ, ସୁବୋଧ ପଟ୍ଟନାୟକ ପ୍ରମୁଖ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ଅବିନାଶ ସାହୁ, ଗୋପୀନାଥ ସେଠୀ, ପ୍ରକାଶ ଷଡଙ୍ଗୀ, ବାସୁଦେବ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଚାରକ ଭାବେ ଓଡ଼ିଶାର ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ଓ କଣ୍ଠଶିଳ୍ପୀ ଶାନ୍ତନୁ ନାୟକ, ସୁରଗନ୍ଧର୍ବ ନବକିଶୋର ମିଶ୍ର ଏବଂ ସସ୍ମିତା ମିଶ୍ର ଯୋଗଦେଇ ଭଏସ୍ ଅଫ୍ ନୟାଗଡ଼ର ଶ୍ରେଷ୍ଠ ୩ଜଣ ଯୁବ କଣ୍ଠଶିଳ୍ପୀଙ୍କୁ ଚୟନ କରିଥିଲେ। କ୍ଲବର ସଦସ୍ୟ ପ୍ରସନ୍ନ ବସନ୍ତିଆ, ପ୍ରବୀର ପୃଷ୍ଟି, ଲକ୍ଷ୍ମୀନାରାୟଣ ରଥ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସଂଯୋଜକ ଧୀରେନ୍ଦ୍ର ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

## ଜିଲାସ୍ତରୀୟ ବାଲ୍ୟ ବିବାହ ନିରୋଧ କର୍ମଶାଳା

ନୟାଗଡ଼,୨୯।୧(ଲୋକନାଥ ମିଶ୍ର)



କର୍ମଶାଳାରେ ଜିଲାପାଳ ରବୀନ୍ଦ୍ର ନାଥ ସାହୁ ଓ ପ୍ରଶାସନିକ ଅଧିକାରୀମାନେ।

ନୟାଗଡ଼ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକଦିବସୀୟ ବାଲ୍ୟ ବିବାହ ନିରୋଧ ଆଇନ୍ ଓ ଏହାର କାର୍ଯ୍ୟକାରିତା ସମ୍ପର୍କରେ ଏକ ସଭା ସୋମବାର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ଦିଲୀପ କୁମାର ବଳଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସେଣ୍ଟର ଫର କାଟାଲାଇଜିଂ ଚେଞ୍ଜ ଏବଂ ଜିଲା ଶିଶୁ ସୁରକ୍ଷା ବିଭାଗ ନୟାଗଡ଼ଙ୍କ ମିଳିତ ଆନୁକୂଲ୍ୟରେ ୨୦୨୪-୨୫ ବର୍ଷ ପାଇଁ କାର୍ଯ୍ୟଖସଡ଼ା ପ୍ରସ୍ତୁତ କରାଯାଇଥିଲା। ସି-୩ ଶାଖାର ରାଜ୍ୟ ମୁଖ୍ୟ ଅଶୋକ କୁମାର ନାୟକ କାର୍ଯ୍ୟକ୍ରମ ବିଷୟରେ ସବିଶେଷ ବିବରଣୀ ପାଠ କରିଥିଲେ। ଧର୍ମାନନ୍ଦ ସୁନ୍ଦରାୟ ତାଙ୍କୁ ସହଯୋଗ କରିଥିଲେ। ସି ୩ ମୁଖ୍ୟାଳୟ, ଦିଲ୍ଲୀରୁ ଆସିଥିବା ପ୍ରକଳ୍ପର ମୁଖ୍ୟ ବନ୍ଦନା ନାୟାର ଏବଂ କାର୍ଯ୍ୟକାରୀ ଅଧିକାରୀ ସୁମିତ କାର୍ଯ୍ୟକ୍ରମର ରୂପରେଖ ଉପର ପୁଙ୍ଖାନୁପୁଙ୍ଖ ଆଲୋକପାତ କରିଥିଲେ। ମନ୍ଦିରର ପୂଜକ ଟ୍ରଷ୍ଟି, ମ୍ୟାନେଜରଙ୍କ ସଚେତନତା ନିମନ୍ତେ ଏକ ବିବାହ ପଞ୍ଜୀକରଣ ରେଜିଷ୍ଟରକୁ ଅତିରିକ୍ତ ଜିଲାପାଳ ଦୀଲିପ କୁମାର ବଳ ଜନସାଧାରଣଙ୍କ ହିତ ନିମନ୍ତେ ଉନ୍ମୋଚନ କରିଥିଲେ। ଏହି କାର୍ଯ୍ୟକ୍ରମର ଶେଷାର୍ଦ୍ଧରେ ଜିଲାପାଳ ରବୀନ୍ଦ୍ର ନାଥ ସାହୁ, ମୁଖ୍ୟ ଅତିଥି ଭାବେ ଯୋଗଦେଇ ନୟାଗଡ଼ର ବାଲ୍ୟବିବାହକୁ ସମ୍ପୂର୍ଣ୍ଣ ନିରାକରଣ ନିମନ୍ତେ ଜନସାଧାରଣଙ୍କ ସହଯୋଗ କାମନା କରିଥିଲେ। ବାଲ୍ୟ ବିବାହ ନିରୋଧ ଆଇନ୍ ୨୦୦୬ର ବ୍ୟାପକ ପ୍ରସାର ନିମନ୍ତେ ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ, ସମାଜ ମଙ୍ଗଳ ଅଧିକାରିଣୀ ଅର୍ଚ୍ଚନା କହଁର, ଡିଏସ୍‌ପି ସୁଷମା ପ୍ରଧାନ, ଅଧ୍ୟକ୍ଷ, ଶିଶୁ ମଙ୍ଗଳ କମିଟି, ନୟାଗଡ଼, ଜିଲା ସୂଚନା ଓ ଜନସମ୍ପର୍କ ଅଧିକାରୀ ସୁରେନ୍ଦ୍ର ସାହୁ, ଶିଶୁ ସୁରକ୍ଷା ଅଧିକାରୀ, ନୟାଗଡ଼ ସିବିୟାନ୍ ପ୍ରଧାନ ତଥା ସମସ୍ତ ବ୍ଲକର ବିଡିଓ, ସିଡିପିଓ, ବିଇଓ, ବିପିଏମ୍ ଏବଂ ଏମ୍‌ଓ (ସିଏଚ୍‌ସି) ତଥା ଶିଶୁମାନଙ୍କ ସୁରକ୍ଷା ପାଇଁ କାର୍ଯ୍ୟରତ ସ୍ୱେଚ୍ଛାସେବୀ ଅନୁଷ୍ଠାନର ପ୍ରତିନିଧି ଯୋଗଦେଇ ନିଜର ମତପୋଷଣ କରିଥିଲେ। ଜିଲା ସଂଯୋଜକ ସୁବ୍ରତ କୁମାର ବିଶୋୟୀ, ବ୍ଲକ ସଂଯୋଜକ ପ୍ରସନ୍ନ ବାଗସିଂ, ଶୁଭାଶିଷ ମିଶ୍ର, ସୁଦୀପ୍ତ ସାହୁ, ନିକି ପ୍ରଧାନ, ସୃଜନ୍ୟା ନାୟକ ଏବଂ ସ୍ୱାତୀରେଖା ଦାସ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ସତ୍ୟରଞ୍ଜନ ଦାଶ, ଶିଶୁ ସୁରକ୍ଷା ଅଧିକାରୀ (ଆନୁଷ୍ଠାନିକ ଯତ୍ନ), ନୟାଗଡ଼ ଧନ୍ୟବାଦ ଦେଇ ସଭାପତିଙ୍କ ଅନୁମତି କ୍ରମେ ସଭା ସାଙ୍ଗ କରିଥିଲେ।

